## ବିଶେଷ ସୂଚନା

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାପନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା **whatsapp** ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

:7735333804
odishanishabda@gmail.com



# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda odishanishabda

www.odishanishabda.com
epaper.odishanishabda.com

Vol–1 ■ Issue–15 ■ 8th-14th October. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୫ ■ ୮-୧୪ ଅକ୍ଟୋବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ମୂଲ୍ୟ-୫.୦୦


## ୧୫ରେ ଛାତ୍ରସଂସଦ ନିର୍ବାଚନ, ୧୬ରେ ଶପଥ ଗ୍ରହଣ



**ଭୁବନେଶ୍ୱର:** ଆଗାମୀ ୧୫ ତାରିଖରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ୧୬ ତାରିଖରେ ନବ ନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କର ଶପଥ ଗ୍ରହଣ ହେବ। ଠିକ୍ ସେହିପରି ୭ ତାରିଖରେ କଲେଜମାନଙ୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣେ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବା ଏନେଇ ଆଜି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଘୋଷଣା କରିଛନ୍ତି। ସେ କହିଛନ୍ତି, କଲେଜ୍ ନିର୍ବାଚନ ହେଲେ ଯୁବ ନେତୃତ୍ୱ ସାମ୍ନାକୁ ଆସିବେ। ଆମେ ସେହି କାମ କରିବୁ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ।

ପୂର୍ବ ସରକାର ୨୦୧୭ରୁ କଲେଜ୍‌ରେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆହୁରି କହିଛନ୍ତି ଯେ ପୂର୍ବ ସରକାର ୨୦୧୭ରୁ କଲେଜ୍‌ରେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଥିଲେ, ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଲୋକଙ୍କ ସରକାର ପୁଣି ଥରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଯାଉଛନ୍ତି।

ଗତ ମାସରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ଏବେ କ୍ୟାମ୍ପସ୍ ରାଜନୀତି ଜୋର ଧରିଛି। ଗ୍ରୀଷ୍ମ ଛୁଟି ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା କ୍ଷଣି ଛାତ୍ରସଂସଦ ନିର୍ବାଚନ ପାଇଁ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ସଜବାଜ ଦେଖିବାକୁ ମିଳୁଛି। ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଛାତ୍ର ବିଜେଡି ଓ କଂଗ୍ରେସର ଛାତ୍ର ନେତାମାନେ ପ୍ରତିଥର ପରି ଏଥର ମଧ୍ୟ କ୍ୟାମ୍ପସ୍‌ରେ ନିଜର ପତିଆରା ଜାହିର କରିବାକୁ ଲାଗିପଡ଼ିଲେଣି। ସଙ୍ଗଠନର ପୁରୁଣା ଛାତ୍ରନେତାମାନେ କ୍ୟାମ୍ପସ୍‌ରେ ଚକ୍କର କାଟିବା ସହ କିଭଳି ଭାବେ ନବାଗତ ଛାତ୍ରଛାତ୍ରୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବେ, ସେନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଆଇଏସଏଫ୍, ଡିଏସ୍‌ଓ, ଏସଏଫ୍‌ଆଇ ପରି ଛାତ୍ର ସଙ୍ଗଠନ ମଧ୍ୟ ନିଜ ନିଜ ସ୍ତରରେ ପ୍ରସ୍ତୁତି ଚଲାଇଛନ୍ତି। ୧୦ରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବାକୁ ଥିବାରୁ କ୍ୟାମ୍ପସ୍‌ରେ ରାଜନୈତିକ ବାତାବରଣ ଉଷ୍ମ ହେଉଛି। ରାଜନୀତିର ଏନ୍ତୁଡ଼ିଶାଳ କୁହାଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଷ୍ମତା ଧୀରେ ଧୀରେ ବଢୁଛି। ତିନିଟି ଯାକ ଛାମୁଆ ସଙ୍ଗଠନ କ୍ୟାମ୍ପସ୍‌ରେ ହେଲ୍‌ପ ଡେସ୍କ ଆରମ୍ଭ ଦିଗରେ ପଦକ୍ଷେପ ନେଇଛନ୍ତି। ନବାଗତ ଛାତ୍ରଛାତ୍ରୀ କ୍ୟାମ୍ପସ୍‌ରେ ପାଦ ଥାପିବା କ୍ଷଣି କିଭଳି ସଙ୍ଗଠନ ମୋହରେ ପଡ଼ିବେ ସେନେଇ ଛାତ୍ର ସଙ୍ଗଠନ ସଦସ୍ୟମାନେ ଲାଗିପଡ଼ିଛନ୍ତି।

### ହାଲରେ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍‌ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟନ କଲେ ରାଜନାଥ-ମୋହନ

## ୨୦୦୦ତମ ଇଞ୍ଜିନ ଭାରତୀୟ ବାୟୁସେନାକୁ ହସ୍ତାନ୍ତରିତ





**କୋରାପୁଟ :** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକଚରିଙ୍ଗ୍ ଲାଇନ୍ ଉଦ୍‌ଘାଟନ କରିଛନ୍ତି। ଏହା ସହିତ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ ବରଂ ଏହି ହାଲ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି। ରାଜନାଥ କହିଛନ୍ତି ଯେ, କୋରାପୁଟର ଏହି କେନ୍ଦ୍ର ଓ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଓ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଲବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍ ?ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର।

## ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ' ଲୋକାର୍ପିତ



**ଭୁବନେଶ୍ୱର:** ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ଲୋକାର୍ପଣ ହୋଇଛି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର, ସ୍କ୍ରୀନ-ହାଉସ୍, କ୍ରୋମା ଫ୍ଲୋର, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

THE Times Higher Education
World University Rankings 2027
4th Best
Among All Universities in India

1st in Eastern India

501+ Cohort Globally

Slow and Steady Wins the Race...



Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities** in **India and across the globe.** KIIT ranks **4th** among both goverment and private universities in India and is placed in the **501–550 global cohort.** It has also maintained its **1st position** in **Eastern India** despite increased institutional participation worldwide.

- **Best Campus** — Outstanding infrastructure & world-class facilities
- **Best Placement** — Excellent Opportunities & Career Outcomes
- **Best Environment & Ambience** — Supportive learning environment with a vibrant campus atmosphere
- **Student Friendly Campus** — Student-centric approach with comprehensive support services
- **Parent-Friendly Institution** — Transparent communication & parent engagement
- **Modern Student Library** — 24×7 Study Space for Focused Learning

*KIIT is an institute of 29 years (1997–2026) and a Deemed to be University of only 22 years (2004–2026)*

KIIT-DU, Patia, Bhubaneswar, Odisha, India 751024 kiit@kiit.ac.in www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.





# ଟ୍ରକ୍ ସହ ଧକ୍କା ହେଲା ଦୁର୍ଗା ମୂର୍ତ୍ତି ନେଉଥିବା ପିକ୍ଅପ୍, ୭ ମୃତ



*ଅମରାବତୀ: ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାସ୍ଥିତ ସମୃଦ୍ଧି ମହାମାର୍ଗ (ସମୃଦ୍ଧି ଏକ୍ସପ୍ରେସୱେ)ର ଧାମନଗାଁ ରେଳବାଇ ଷ୍ଟେସନ୍ ନିକଟରେ ଗୁରୁବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ ଏବଂ ଟେମ୍ପୋ ପିକଅପ୍ ଭ୍ୟାନ୍ ମଧ୍ୟରେ ଜୋରରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ହିଁ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବୁଲଡାଣା ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ସେଗାଁରୁ ଏକ ଦୁର୍ଗା ମୂର୍ତ୍ତି ଧରି ୱାର୍ଧା ଅଭିମୁଖେ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସଂଘର୍ଷ ଏତେ ପ୍ରବଳ ଥିଲା ଯେ ଟେମ୍ପୋଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ, ରେଳବାଇ ପୁଲିସ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ କିଛି ସାମ୍ବାଦିକ ମିଳିତ ଭାବେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ୧୯ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସିନିୟର୍ ପୁଲିସ ଅଫିସର ନିକେତନ କଦମ୍ ଦେଇଥିବା ସୂଚନା ଅନୁଯାୟୀ, ଆହତମାନଙ୍କ ମଧ୍ୟରୁ ୪ ରୁ ୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିବା ବେଳେ ଅନ୍ୟମାନେ ବିପଦମୁକ୍ତ ଅଛନ୍ତି ଏବଂ ସମସ୍ତଙ୍କର ଚିକିତ୍ସା ଜାରି ରହିଛି। ପୁଲିସ ଅଧିକାରୀ କଦମ୍ ଏବଂ ଧାମନଗାଁ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ରୋଠେ ହସ୍ପିଟାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ଏହି ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛି।*

# ପୁଣି ପେଟ୍ରୋଲ ୫ ଓ ଡିଜେଲ ୩ଟଙ୍କା ବଢିଲା

*ନୂଆଦିଲ୍ଲୀ: ଦେଶର ପ୍ରମୁଖ ଘରୋଇ ଇନ୍ଧନ କମ୍ପାନୀ 'ନାୟରା ଏନର୍ଜି' ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି କରିଛି। କମ୍ପାନୀ ପେଟ୍ରୋଲ ଦରରେ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଦରରେ ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଛି। ଏହି ନୂତନ ଦର ଶନିବାର ଠାରୁ ତୁରନ୍ତ ଲାଗୁ ହୋଇଛି। ସାରା ଦେଶରେ ୭,୧୦୮ଟି ପେଟ୍ରୋଲ ପମ୍ପ ପରିଚାଳନା କରୁଥିବା ନାୟରା, ଶନିବାର ଭୋରରୁ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି କରିଥିବା ସୂତ୍ରରୁ ଜଣାପଡ଼ିଛି। ଚଳିତ ବର୍ଷ ପ୍ରାରମ୍ଭରେ ଇରାନ ବିବାଦ ଯୋଗୁଁ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହେବା ପରେ, ଅନ୍ତର୍ଜାତୀୟ ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ ଗ୍ରାହକଙ୍କ ଉପରେ ପକାଇବାରେ ନାୟରା ହିଁ ପ୍ରଥମ ଇନ୍ଧନ ଖୁଚୁରା ବିକ୍ରେତା ଥିଲା। ମାର୍ଚ୍ଚ ୨୬ ତାରିଖରେ ଏହା ପେଟ୍ରୋଲ ଦର ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଦର ୩ ଟଙ୍କା ବୃଦ୍ଧି କରିଥିଲା, ଯାହା ଫଳରେ ସେହି ସମୟରେ ଏହାର ଆଉଟଲେଟ୍ଗୁଡ଼ିକରେ ମୂଲ୍ୟ ଯଥାକ୍ରମେ ୧୦୦.୭୧ ଟଙ୍କା ଏବଂ ୯୧.୩୧ ଟଙ୍କାକୁ ବୃଦ୍ଧି ପାଇଥିଲା। ଏହା ପରେ ସରକାରୀ ତୈଳ କମ୍ପାନୀଗୁଡ଼ିକ ମେ' ମାସରେ ପମ୍ପ ଦର ବୃଦ୍ଧି କରିବା ଆରମ୍ଭ କରିଥିଲେ। ସେମାନେ ପର୍ଯ୍ୟାୟକ୍ରମେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି କରିଥିଲେ, ଯାହା ମେ' ଶେଷ ସୁଦ୍ଧା ସମୁଦାୟ ପ୍ରାୟ ୭.୫୦ ଟଙ୍କା ପ୍ରତି ଲିଟର ଲେଖାଏଁ ବୃଦ୍ଧି ପାଇଥିଲା। ମେ' ୨୫ ତାରିଖରେ ହୋଇଥିବା ଚତୁର୍ଥ ପର୍ଯ୍ୟାୟ ବୃଦ୍ଧିରେ ପେଟ୍ରୋଲ ଲିଟର ପିଛା ୨.୬୧ ଟଙ୍କା ଏବଂ ଡିଜେଲ ୨.୭୧ ଟଙ୍କା ବୃଦ୍ଧି ପାଇଥିଲା।*

# ମେଡିସିନ୍‌ରେ କାର୍ଲ ଡିସେରୋଥ, ଆଲୋକ ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ ଓ ଅପ୍ଟୋଜେନେଟିକ୍ସ ଉପରେ ଆବିଷ୍କାର ପାଇଁ ପୁରସ୍କୃତ



*ଓସ୍ଲୋ: ଚିକିତ୍ସା ବିଜ୍ଞାନ ଓ ନ୍ୟୁରୋସାଇନ୍ସ ଜଗତରେ ବିପ୍ଳବ ଆଣିବା ପାଇଁ ୨୦୨୬ ମସିହା ପାଇଁ ପ୍ରତିଷ୍ଠିତ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଆଲୋକ-ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ ଓ ଅପଟ୍ଟୋଜେନେଟିକ୍ସ ଉପରେ ସେମାନଙ୍କର ଆବିଷ୍କାର ପାଇଁ ତିନି ଜଣ ବୈଜ୍ଞାନିକ କାର୍ଲ ଡିସେରୋଥ, ପିଟର ହେଗେମ୍ୟାନ୍ ଓ ଜର୍ଜ ନାଗେଲଙ୍କୁ ମିଳିତ ଭାବେ ୨୦୨୬ ମସିହା ପାଇଁ ମେଡିସିନରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସୋଲନାରେ କାରୋଲିନସ୍କା ଇନଷ୍ଟିଚ୍ୟୁଟ୍‌ରେ ନୋବେଲ ଆସେମ୍ବଲି ଚଳିତ ବର୍ଷର ପ୍ରଥମ ନୋବେଲ ପୁରସ୍କାର ଘୋଷଣା କରିଛି। ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ, ବୈଜ୍ଞାନିକମାନେ ଏବେ ଆଲୋକ ମାଧ୍ୟମରେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଚାଲୁ ଓ ବନ୍ଦ କରିପାରିବେ, ଯାହା ପାର୍କିନସନ୍ସ ଓ ଡିପ୍ରେସନ ଭଳି ଗମ୍ଭୀର ରୋଗର ଚିକିତ୍ସା ପାଇଁ ନୂତନ ରାସ୍ତା ଖୋଲିଛି। ପାରମ୍ପରିକ ନ୍ୟୁରୋସାଇନ୍ସ ମସ୍ତିଷ୍କ ନ୍ୟୁରନଗୁଡ଼ିକୁ ଉତ୍ତେଜିତ କରିବା ପାଇଁ ଇଲେକ୍ଟ୍ରୋଡ୍ ବ୍ୟବହାର କରୁଥିଲା, ଯାହା ଏକ ଅତ୍ୟନ୍ତ ଆକ୍ରମଣାତ୍ମକ ପଦ୍ଧତି ଥିଲା ଏବଂ ଏହା ଚାରିପାଖର ସୁସ୍ଥ ଟିସୁକୁ କ୍ଷତି ପହଞ୍ଚାଇବାର ଆଶଙ୍କା ରହୁଥିଲା। ବିପରୀତରେ କାର୍ଲ ଡେସେରୋଥ, ପିଟର ହେଗେମାନ୍ ଓ ଜର୍ଜ ନାଗେଲ୍ ଜୀବନ୍ତ କୋଷରେ ଆଲୋକ-ସମ୍ବେଦନଶୀଳ ପ୍ରୋଟିନ୍ ଆବିଷ୍କାର କରିଥିଲେ। ତିନି ବୈଜ୍ଞାନିକମାନେ ପ୍ରଦର୍ଶନ କରିଛନ୍ତି ଯେ, ଆଲୋକ-ଗେଟେଡ୍ ଆୟନ୍ ଚ୍ୟାନେଲଗୁଡ଼ିକକୁ ନିର୍ଦ୍ଦିଷ୍ଟ ମସ୍ତିଷ୍କ ନ୍ୟୁରନ୍ ସନ୍ନିବେଶ କରିବା ପାଇଁ ଜେନେଟିକାଲ୍ ଭାବରେ ପରିବର୍ତ୍ତନ କରାଯାଇପାରିବ। ଏକ ଲେଜର କିମ୍ବା ଅପ୍ଟିକାଲ୍ ଫାଇବରର ଏକ ସରଳ ଫ୍ଲାସ୍ ଆଖି ପିଛୁଳାକେ ସେହି ନ୍ୟୁରନ୍‌ଗୁଡ଼ିକୁ ଚାଲୁ କିମ୍ବା ବନ୍ଦ କରିପାରିବ। ପ୍ରଯୁକ୍ତିବିଦ୍ୟା ନ୍ୟୁରୋବାୟୋଲୋଜି ଓ ଭେଷଜ କ୍ଷେତ୍ରରେ ନୂତନ ସମ୍ଭାବନା ଖୋଲିଛି। ବର୍ତ୍ତମାନ ଅପ୍ଟୋଜେନେଟିକ୍ସ ସାହାଯ୍ୟରେ, ବୈଜ୍ଞାନିକମାନେ ପାର୍କିନସନ୍ସ ରୋଗ, ମାନସିକ ଅବସାଦ, ଅନ୍ଧତ୍ୱ ଓ ନିଶା ଭଳି ଜଟିଳ ସ୍ନାୟୁ ସମସ୍ୟାର ସଠିକ୍ ଅଧ୍ୟୟନ କରିପାରିବେ।*

## ■ ଚାଲାଣ ବକେୟା ଥିଲେ ନବୀକରଣ ବନ୍ଦ

# ଗାଡ଼ିକୁ ପରିବହନ ପୋର୍ଟାଲରେ ବ୍ଲାକ୍‌ଲିଷ୍ଟ କରାଯିବ

**ନୂଆଦିଲ୍ଲୀ:** ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଇ-ଚାଲାଣ ଜରିମାନା ଦେଇନଥିବା ଗାଡ଼ି ମାଲିକଙ୍କ ପାଇଁ ସୁପ୍ରିମ୍‌କୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବକେୟା ଟ୍ରାଫିକ୍ ଜରିମାନା ପୈଠ ନହେବା ପର୍ଯ୍ୟନ୍ତ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ନବୀକରଣ, ମାଲିକାନା ହସ୍ତାନ୍ତର, ଫିଟ୍‌ନେସ୍ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) ଉପରେ କଟକଣା ଲଗାଇବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କହିଛନ୍ତି।



ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ବକେୟା ଇ-ଚାଲାଣ ଥିବା ଗାଡ଼ିଗୁଡ଼ିକୁ କେନ୍ଦ୍ରୀୟ 'ପରିବହନ' ପୋର୍ଟାଲରେ କଳାତାଲିକାଭୁକ୍ତ ବା ବ୍ଲାକ୍‌ଲିଷ୍ଟ କରାଯିବ। ଫଳରେ ବକେୟା ଜରିମାନା ପୈଠ ନ ହେବା ପର୍ଯ୍ୟନ୍ତ ସେହି ଗାଡ଼ି ବିକ୍ରି କିମ୍ବା ମାଲିକାନା ହସ୍ତାନ୍ତର କରିବାରେ ମଧ୍ୟ ସମସ୍ୟା ହେବ। ଏହାଛଡ଼ା ଗାଡ଼ି ମାଲିକଙ୍କ ଠିକଣା ପରିବର୍ତ୍ତନ ଭଳି ଅନ୍ୟ କେତେକ ଅନ୍‌ଲାଇନ୍ ସେବା ମଧ୍ୟ ଅଟକାଇବାକୁ କୋର୍ଟ କହିଛନ୍ତି। ଏକାଧିକ ଥର ଟ୍ରାଫିକ୍ ନିୟମ ଭାଙ୍ଗିଥିବା ମାମଲାରେ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ନ କରିବା ସହ ଚାଲୁ ଲାଇସେନ୍ସକୁ ମଧ୍ୟ ସ୍ଥଗିତ କରିବା ପାଇଁ ପଦକ୍ଷେପ ନେବାକୁ ଖଣ୍ଡପୀଠ କହିଛନ୍ତି। ବକେୟା ଜରିମାନା ସମ୍ପୂର୍ଣ୍ଣ ପୈଠ ନ ହେବା ପର୍ଯ୍ୟନ୍ତ କୌଣସି କେନ୍ଦ୍ର ପିୟୁସି (ପ୍ରଦୂଷଣ ନିୟନ୍ତ୍ରଣ) ପ୍ରମାଣପତ୍ର ଜାରି କରିପାରିବ ନାହିଁ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କୋର୍ଟଙ୍କୁ ଦିଆଯାଇଥିବା

ତଥ୍ୟ ଅନୁସାରେ, ଦେଶରେ ଜାରି ହୋଇଥିବା ଇ-ଚାଲାଣରେ ପ୍ରାୟ ୪୯,୧୯୪.୦୫ କୋଟି ଟଙ୍କା ଜରିମାନା ବକେୟା ରହିଥିଲା। ଏଥିରୁ ୨୬,୧୭୫.୦୫ କୋଟି ଟଙ୍କା ଆଦାୟ ହୋଇଛି। ଅର୍ଥାତ ପ୍ରାୟ ୨୩,୦୧୯ କୋଟି ଟଙ୍କା ଏବେ ବି ଆଦାୟ ହୋଇନାହିଁ। କେବଳ ଇ-ଚାଲାଣ ଜାରି କରିଦେଲେ ରାସ୍ତା ସୁରକ୍ଷା ନିୟମର ପ୍ରଭାବୀ କାର୍ଯ୍ୟକାରିତା ହେବ ନାହିଁ, ଜରିମାନା ଆଦାୟ ମଧ୍ୟ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ନିର୍ଦ୍ଦେଶ ୨୦୧୨ରୁ ଚାଲିଥିବା ଏକ ସଡ଼କ ସୁରକ୍ଷା ମାମଲାର ଶୁଣାଣି ସମୟରେ ଆସିଛି। 'ଏସ୍. ରାଜଶେଖରନ୍ ବନାମ ୟୁନିୟନ୍ ଅଫ୍ ଇଣ୍ଡିଆ' ମାମଲାରେ ସୁପ୍ରିମ୍‌କୋର୍ଟ ପ୍ରାୟ ୧୪ ବର୍ଷ ଧରି ମୋଟରଯାନ ଆଇନ ଓ କେନ୍ଦ୍ରୀୟ ମୋଟର ଯାନ ନିୟମର କାର୍ଯ୍ୟକାରିତା ଉପରେ ନଜର ରଖି ଆସୁଛନ୍ତି। ଗୁରୁବାର ଶୁଣାଣିରେ କୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଇ-ନିରୀକ୍ଷଣ ଓ ଇ-କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମାନକ ପ୍ରକ୍ରିୟା ଲାଗୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସ୍ପିଡ୍ କ୍ୟାମେରା, ସିସିଟିଭି ଓ ସ୍ପିଡ୍ ଗନ୍ ଭଳି ଉପକରଣର ବ୍ୟବହାର ବଢ଼ାଇବା, ଇ-ନିରୀକ୍ଷଣ ସ୍ଥାନ ଚିହ୍ନଟ କରିବା ଓ ଉପକରଣ କିଣି ଲଗାଇବାକୁ କୁହାଯାଇଛି। ଇ-ଚାଲାଣ ଦେଇ ଦାୟିତ୍ୱ ଶେଷ ନକରି ବକେୟା ଚାଲାଣ ଥିବା ଗାଡ଼ିଗୁଡ଼ିକୁ ରାସ୍ତାରେ ଯାଞ୍ଚ କରିବାକୁ ମଧ୍ୟ କୁହାଯାଇଛି। ଏପରି ଗାଡ଼ି ଧରାପଡ଼ିଲେ ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରିବା ପାଇଁ ପଦକ୍ଷେପ ନିଆଯିବ। ରିପୋର୍ଟ ଅନୁସାରେ, ଦେଶରେ ଟ୍ରାଫିକ୍ ଚାଲାଣ ସଂଖ୍ୟା ୨୦୨୧ରେ ୪.୨ କୋଟି ଥିବା ବେଳେ ୨୦୨୫ରେ ୯.୬ କୋଟିକୁ ବଢ଼ିଛି। ୨୦୨୬ର ପ୍ରଥମ ୯ ମାସରେ ଏହା ୭.୮ କୋଟିରେ ପହଞ୍ଚିଛି। ଏହି ସମୟରେ ବକେୟା ଚାଲାଣର ଅନୁପାତ ମଧ୍ୟ ବଢ଼ିଛି।

## ■ ଜ୍ଞାନେଶ କୁମାରଙ୍କ ପାଇଁ ବଢ଼ିଲା ସମସ୍ୟା

# ୨୦ବର୍ଷ ପୁରୁଣା ଦୁର୍ନୀତିର ପୁଣି ହେବ ତଦନ୍ତ



**ତିରୁଭାନନ୍ତପୁରମ:** କେରଳମ୍‌ର ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ସହ ଜଡ଼ିତ ପ୍ରାୟ ଦୁଇ ଦଶନ୍ଧି ପୁରୁଣା ମାମଲାର ଭିଜିଲାନ୍ସ ତଦନ୍ତ ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା କେରଳ ରାଜ୍ୟ ପରିବହନ ପ୍ରକଳ୍ପ ସହିତ ଜଡ଼ିତ। ଏହା ଅନ୍ତର୍ଗତ ଜଣେ ବିଦେଶୀ ଇଞ୍ଜିନିୟରର ନିଜ ଜୀବନ ନେବା ଏବଂ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯିବ। ରିପୋର୍ଟ ଅନୁଯାୟୀ, କେରଳମ୍ ଗୃହ ବିଭାଗ ୨୦୦୬ ମସିହାରେ ଜ୍ଞାନେଶ କୁମାର ରାଜ୍ୟର ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟର ସଚିବ ଥିବା ସମୟରେ ହୋଇଥିବା ଏକ ଭିଜିଲାନ୍ସ ତଦନ୍ତର ରେକର୍ଡ ମଧ୍ୟ ତଲବ କରିଛି। ପାଟି-ବେଲ୍ ନାମକ ଏକ ଇଣ୍ଡୋ-ମାଲେସିଆନ୍ କନସୋର୍ଟିୟମ୍‌ର ଇଞ୍ଜିନିୟର ଲି ସି ବୀନ୍ ନିଜ ଜୀବନ ନେବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା।

ଇଞ୍ଜିନିୟର ଜଣକ ଏକ ସୁଇସାଇଡ୍ ନୋଟ୍‌ରେ ଜ୍ଞାନେଶ କୁମାରଙ୍କ ନାମ ନେଇଥିବା ଅଭିଯୋଗ ହୋଇଛି। ନୋଟ୍‌ରେ ପ୍ରକଳ୍ପ ସହିତ ଜଡ଼ିତ ଦେୟ ଏବଂ ବିଲ୍ ସମ୍ପର୍କରେ ଗମ୍ଭୀର ଅଭିଯୋଗ ଥିଲା। ପ୍ରକଳ୍ପ ଅଧୀନରେ ଦେୟ ଏବଂ ବିଲ୍? ସମାଧାନରେ ଅସୁବିଧା ହେଉଥିବା ଅଭିଯୋଗକୁ ନେଇ ବିବାଦ ଉପୁଜିଥିବା ରିପୋର୍ଟ ହୋଇଥିଲା। ଏହା ପରେ, ତତ୍କାଳୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ(ଏଲଡିଏଫ) ସରକାର ଏହି ମାମଲାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

### ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

ପ୍ରାୟ ଦୁଇ ଦଶନ୍ଧି ପୁରୁଣା ଏହି ମାମଲାକୁ ଏପରି ସମୟରେ ପୁଣି ଥରେ ଚର୍ଚ୍ଚାକୁ ଅଣାଯାଉଛି ଯେତେବେଳେ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଉପରେ ଲଗାତାର ପ୍ରଶ୍ନ ଉଠାଇବାରେ ଲାଗିଛନ୍ତି। ସମ୍ପ୍ରତି ରମେଶ ଚେନ୍ନିଥାଲା ମଧ୍ୟ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ସେ ନିର୍ବାଚନ କମିସନଙ୍କର କାର୍ଯ୍ୟକାରିତା ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ତେବେ ପୂର୍ବ ଭିଜିଲାନ୍ସ ତଦନ୍ତରେ କ'ଣ ନିଷ୍କର୍ଷ ବାହାରିଛି ଏବଂ ବର୍ତ୍ତମାନର ତଦନ୍ତରେ କେଉଁ ଦିଗଗୁଡ଼ିକୁ ପୁଣି ଯାଞ୍ଚ କରାଯିବ ତାହା ରେକର୍ଡର ବିସ୍ତୃତ ସମୀକ୍ଷା ପରେ ସ୍ପଷ୍ଟ ହେବ।

କଂଗ୍ରେସ ନେତା ମଲାଇନକିଝୁ ଭେନୁଗୋପାଲଙ୍କ ଦ୍ୱାରା ରମେଶ ଚେନ୍ନିଥାଲାଙ୍କ ନିକଟରେ ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଅଭିଯୋଗରେ ପ୍ରକଳ୍ପ ସହିତ ଜଡ଼ିତ ଦୁର୍ନୀତି ଏବଂ ଜଣେ ଇଞ୍ଜିନିୟରଙ୍କ ଆତ୍ମହତ୍ୟାର ପୁଣି ତଦନ୍ତ ଦାବି କରାଯାଇଥିଲା। ସମ୍ପୂର୍ଣ୍ଣ ଘଟଣା ଜ୍ଞାନେଶ କୁମାରଙ୍କୁ ନେଇ ଚାଲିଥିବା ରାଜନୈତିକ ବିବାଦରେ ଏକ ନୂଆ ମୋଡ଼ ଆଣିଛି।

# ଲଭ୍ ଜିହାଦ ଓ ଧର୍ମ ପରିବର୍ତ୍ତନ ବିରୋଧରେ ଆସିବ କଠୋର ଆଇନ



ପଶ୍ଚିମବଙ୍ଗରେ ୬ ମାସ ମଧ୍ୟରେ ସମାନ ନାଗରିକ ସଂହିତା ଲାଗୁ କରାଯିବ। ଏଥିସହିତ 'ଲଭ୍ ଜିହାଦ', 'ଲ୍ୟାଣ୍ଡ ଜିହାଦ' ଏବଂ ବଳପୂର୍ବକ ଧର୍ମ ପରିବର୍ତ୍ତନ ବିରୋଧରେ କଠୋର ଆଇନ ଅଣାଯିବ ବୋଲି କହିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ।

UCC ଲାଗୁ ହେବା ପରେ 'ଲଭ୍ ଜିହାଦ', 'ଲ୍ୟାଣ୍ଡ ଜିହାଦ' ଏବଂ ଧର୍ମ ପରିବର୍ତ୍ତନକୁ ରୋକିବା ପାଇଁ ତାଙ୍କ ସରକାର କଠୋର ଆଇନ ଆଣିବା ଦିଗରେ କାମ କରିବ ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗରେ ବଳପୂର୍ବକ ଧର୍ମ ପରିବର୍ତ୍ତନ ରୋକିବା ପାଇଁ ଏକ କଠୋର ଆଇନ ପ୍ରସ୍ତୁତ କରାଯିବ ବୋଲି ମଧ୍ୟ ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ସେ କହିଛନ୍ତି, ଟଉଉ ପରେ 'ଲଭ୍ ଜିହାଦ', 'ଲ୍ୟାଣ୍ଡ ଜିହାଦ' ଏବଂ ଧର୍ମ ପରିବର୍ତ୍ତନକୁ ରୋକିବା ପାଇଁ କଠୋର ଆଇନ ଆଣିବାକୁ ମୁଁ କାମ କରିବି। UCC ଲାଗୁ କରିବା ପ୍ରସଙ୍ଗରେ ଅଧିକାରୀ ଉତ୍ତରାଖଣ୍ଡ ଓ ଗୁଜରାଟକୁ ଉଦାହରଣ ଭାବେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ ଦେଶରେ ପରିଣତ କରିଛନ୍ତି। କିନ୍ତୁ ଯେଉଁମାନେ ବାହାରୁ ଆସି ଏଠାରେ ପ୍ରବେଶ କରିଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଏକତା ଓ ସଂଗଠନ ମାଧ୍ୟମରେ ପଦକ୍ଷେପ ନେବାକୁ ପଡ଼ିବ।

# ନିଜ ଯାଆଁଳା ଛୁଆଙ୍କୁ ଅଙ୍ଗନୱାଡିରେ ପଢ଼ାଉଛନ୍ତି ଆଇଏଏସ ମିତାଲୀ

ମହାରାଷ୍ଟ୍ର: ଆଇଏଏସ କିମ୍ବା ଆଇପିଏସ ଅଫିସରଙ୍କ ସଫଳତା କାହାଣୀ ପ୍ରାୟତଃ ଲୋକଙ୍କୁ ପ୍ରେରଣା ଦେଇଥାଏ । ମାତ୍ର କିଛି ଅଫିସର ନିଜର ନିଷ୍ପତ୍ତି ଓ କାର୍ଯ୍ୟଶୈଳୀ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି । ଏଭଳି ଜଣେ ପ୍ରଶାସନିକ ଅଧିକାରୀ ହେଉଛନ୍ତି ମହାରାଷ୍ଟ୍ର କ୍ୟାଡରର ୨୦୧୭ ବ୍ୟାଚ୍ ଆଇଏଏସ ଅଫିସର ମିତାଲୀ ସେଠୀ । ନିଜର ଯାଆଁଳା ପୁଅଙ୍କୁ କୌଣସି ଦାମୀ ପ୍ରାଇଭେଟ୍ ସ୍କୁଲରେ ନ ପଢ଼ାଇ, ସରକାରୀ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇ ସେ ଏବେ ଚର୍ଚ୍ଚାର ଶୀର୍ଷରେ ଅଛନ୍ତି ।

ପଞ୍ଜାବର ଜଲନ୍ଧରର ମୂଳ ବାସିନ୍ଦା ମିତାଲୀ ପାଠପଢ଼ାରେ ବେଶ୍ ମେଧାବୀ ଥିଲେ । ଅମୃତସରରୁ ଦନ୍ତ ଚିକିତ୍ସା ଡିଗ୍ରୀ ହାସଲ କରିବା ପରେ ସେ ଚେନ୍ନାଇରୁ ଅର୍ଥୋଡୋଣ୍ଟିକ୍ସରେ ମାଷ୍ଟର୍ସ ସମ୍ପୂର୍ଣ୍ଣ କରିଥିଲେ । ଜଣେ ପେଶାଦାର ଡାକ୍ତର ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରଥମେ ତାଙ୍କୁ ଆଇଏଏସ୍ ବିଷୟରେ ବିଶେଷ ଧାରଣା ନଥିଲା । ମାତ୍ର ପରବର୍ତ୍ତୀ ସମୟରେ ଜନସେବା ପାଇଁ ସିଭିଲ୍ ସର୍ଭିସେସ୍ ପ୍ରତି ତାଙ୍କର ଆଗ୍ରହ ବୃଦ୍ଧି ପାଇଥିଲା । ଲଗାତାର ଦୁଇଟି ପ୍ରଚେଷ୍ଟାରେ ବିଫଳ ହେବା ସତ୍ତ୍ୱେ ସେ ହାର୍ ମାନିନଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ୨୦୧୭ UPSC ସିଭିଲ୍ ସେବା ପରୀକ୍ଷାରେ (ତୃତୀୟ ପ୍ରଚେଷ୍ଟା) ସାରା ଦେଶରେ ୫୬ତମ ର୍ୟାଙ୍କ ହାସଲ କରି ଆଇଏଏସ ହୋଇଥିଲେ ।

ବର୍ତ୍ତମାନ ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାର କଲେକ୍ଟର (ଜିଲ୍ଲାପାଳ) ଭାବେ କାର୍ଯ୍ୟରତ ମିତାଲୀ, ନିଜର ୩ ବର୍ଷର ଯାଆଁଳା ପୁଅଙ୍କୁ ବାସଭବନ ନିକଟସ୍ଥ ସରକାରୀ ଅଙ୍ଗନୱାଡିରେ ଭର୍ତ୍ତି କରାଇଥିଲେ । ଏହି ନିଷ୍ପତ୍ତି ପଛରେ କୌଣସି ପ୍ରଚାର କିମ୍ବା ପବ୍ଲିସିଟି ଷ୍ଟଣ୍ଟ ନଥିଲା । ସେ ଅଙ୍ଗନୱାଡିର କାର୍ଯ୍ୟଶୈଳୀ ଓ





କର୍ମଚାରୀଙ୍କ ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇଥିଲେ । ବିଶେଷ କରି ସେଠାରେ ଛୋଟ ପିଲାଙ୍କ ଓଜନ ମାପିବା ପାଇଁ ବ୍ୟବହୃତ ହେଉଥିବା ଏକ ସ୍ୱତନ୍ତ୍ର କପଡ଼ା ଝୁଲା (ଝୋଲି) ତାଙ୍କୁ ବହୁତ ପସନ୍ଦ ଆସିଥିଲା, ଯେଉଁଥିରେ ପିଲାମାନେ କାନ୍ଦିବା ପରିବର୍ତ୍ତେ ହସିହସି ବସୁଥିଲେ ।

ଆଜି ତାଙ୍କ ପୁଅମାନଙ୍କୁ ୪ ବର୍ଷ ହୋଇସାରିଛି ଏବଂ ସେମାନେ ନିୟମିତ ଅଙ୍ଗନୱାଡି ଯାଉଛନ୍ତି । ମିତାଲୀଙ୍କ ମତରେ, 'ପ୍ରାରମ୍ଭିକ ବୟସରେ ବହିର ଶିକ୍ଷା କିମ୍ବା ଦାମୀ ବିଜ୍ଞାପନ ଅପେକ୍ଷା ପିଲାମାନଙ୍କୁ ଆପଣାପଣ, ସାମାଜିକ ପରିବେଶ ଓ ସମ୍ବେଦନଶୀଳତା ଶିଖିବା ଅଧିକ ଜରୁରୀ। ଜଣେ ଉଚ୍ଚପଦସ୍ଥ ଅଧିକାରୀ ହୋଇ ମଧ୍ୟ ସରକାରୀବ୍ୟବସ୍ଥା ଉପରେ ଏଭଳି ଆସ୍ଥା ପ୍ରକଟ କରି ସେ ଅନ୍ୟମାନଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ।

# ବେଙ୍ଗାଲୁରୁରେ ଜିମ୍ ଟ୍ରେନରଙ୍କୁ ନିର୍ମମ ହତ୍ୟା



*ବେଙ୍ଗାଲୁରୁ: ବେଙ୍ଗାଲୁରୁର ହେବ୍ବାଳ ନିକଟସ୍ଥ କେମ୍ପାପୁର ଅଞ୍ଚଳରେ ଜଣେ ୨୫ ବର୍ଷୀୟ ଜିମ୍? ଟ୍ରେନରଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକଙ୍କ ନାମ ନନ୍ଦନ ବୋଲି ଜଣାପଡ଼ିଛି। ଜିମ୍?ର ପ୍ରଥମ ବାର୍ଷିକୋତ୍ସବ ପାର୍ଟି ଶେଷ ହେବା ପରେ ଏହି ସାଂଘାତିକ କାଣ୍ଡ ଘଟିଛି। ଏହି ଘଟଣାରେ ପୋଲିସ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।*

*ମିଳିଥିବା ସୂଚନା ଅନୁଯାୟୀ, ଗତ ଶନିବାର ଜିମ୍‌ର ବାର୍ଷିକୋତ୍ସବ ପାର୍ଟି ଚାଲିଥିଲା। ପାର୍ଟି ଶେଷ ହେବା ପରେ ନନ୍ଦନ ଜିମ୍‌ରେ ପ୍ରଶିକ୍ଷଣ ନେଉଥିବା ଅନୁଷ ନାମକ ଜଣେ ପରିଚିତ ବ୍ୟକ୍ତିଙ୍କ ଆପାର୍ଟମେଣ୍ଟକୁ ଯାଇଥିଲେ। ସେଠାରେ ଅନ୍ୟ ତିନିଜଣ ଜିମ୍ ଟ୍ରେନର— ଶରଥ, ନିଶାନ୍ତ ଏବଂ ବିଶ୍ୱନାଥଙ୍କ ସହ କୌଣସି କାରଣକୁ ନେଇ ନନ୍ଦନଙ୍କର ବାକ୍‌ଯୁଦ୍ଧ ଓ ପରେ ସଂଘର୍ଷ ହୋଇଥିଲା। ଏହି ଆକ୍ରମଣରେ ନନ୍ଦନ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ଅବସ୍ଥାରେ ନନ୍ଦନଙ୍କୁ ହେବ୍ବାଳର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ସୁଦ୍ଧା ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ନନ୍ଦନଙ୍କ ଶରୀରରେ ଗୁରୁତର ଆଘାତର ଚିହ୍ନ ରହିଥିବା ପୋଲିସ ଦର୍ଶାଇଛି। ଏହି ଘଟଣା ସମ୍ପର୍କରେ ନନ୍ଦନଙ୍କ ମା' ମଞ୍ଜୁଳା ଅମୃତହଲ୍ଲୀ ପୋଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଅନୁଷ, ଶରଥ, ନିଶାନ୍ତ ଓ ବିଶ୍ୱନାଥଙ୍କୁ ଗିରଫ କରିଛି। ବର୍ତ୍ତମାନ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଅମୃତହଲ୍ଲୀ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।*

# ମହିଳାଙ୍କ ମନରେ ନୁହେଁ, ଅପରାଧୀଙ୍କ ମନରେ ଭୟ ରହିବା ଦରକାର: ସୁପ୍ରିମକୋର୍ଟ

*ନୂଆଦିଲ୍ଲୀ: ଦିଲ୍ଲୀରେ ବଢୁଥିବା ଦୁଷ୍କର୍ମ ଓ ଯୌନ ନିର୍ଯାତନା ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ମହିଳାଙ୍କ ସୁରକ୍ଷାକୁ ନେଇ ଦିଲ୍ଲୀ ପୁଲିସ ଓ କେନ୍ଦ୍ର ସରକାରଙ୍କୁ ଅଧିକ ପ୍ରଭାବଶାଳୀ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଶୀର୍ଷ ଅଦାଲତ । କୋର୍ଟ କହିଛନ୍ତି ଯେ, ରାଜଧାନୀରେ ପ୍ରତ୍ୟେକ ମହିଳା ସାର୍ବଜନୀନ ସ୍ଥାନ କିମ୍ବା ସାର୍ବଜନୀନ ପରିବହନରେ ଯାତାୟାତ କରିବା ସମୟରେ ନିଜକୁ ସୁରକ୍ଷିତ ଅନୁଭବ କରିବା ଦରକାର । ଦିଲ୍ଲୀ-ଏନସିଆରରେ ସାମ୍ପ୍ରତିକ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରୁଥିବା ବିଚାରପତି ଜେବି ପାରଦିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀର ପ୍ରତ୍ୟେକ ମହିଳା ରାତି ୧୦ଟାରେ ମଧ୍ୟ ମେଟ୍ରୋ କିମ୍ବା ରାସ୍ତାରେ ଯାତ୍ରା କରିବା ସମୟରେ ନିଜକୁ ସୁରକ୍ଷିତ ମନେ କରିବା ଉଚିତ । ଶୁଣାଣି ସମୟରେ କୋର୍ଟ ଅପରାଧୀଙ୍କ ମନରେ ଆଇନ ଓ ପୁଲିସର ଭୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅପରାଧ କଲେ କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଅପରାଧୀଙ୍କ ମନରେ ଭୟ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି । ଅପରାଧ ରୋକିବା ପାଇଁ ଦିଲ୍ଲୀ ପୁଲିସକୁ ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ*



*ନେବାକୁ ମଧ୍ୟ କୁହାଯାଇଛି ।*

*ଜାତୀୟ ରାଜଧାନୀ ଅଞ୍ଚଳରେ ମହିଳା ଓ ନାବାଳିକାଙ୍କ ସହ ଘଟୁଥିବା ଅନେକ ଅପରାଧିକ ଘଟଣା ପରେ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି । ସେପ୍ଟେମ୍ବର ୨୮ରେ କୋର୍ଟ କାଲକାଜି ନିକଟସ୍ଥ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ, ସ୍ୱରୂପ ନଗରରେ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଏବଂ ଗ୍ରେଟର ନୋଏଡାରୁ ଦିଲ୍ଲୀ ଆସୁଥିବା ବସ୍‌ରେ ୧୬ ବର୍ଷୀୟା ଝିଅଙ୍କ ସହ ଯୌନ ନିର୍ଯାତନା ଭଳି ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ତଦନ୍ତ ଆରମ୍ଭ କରିଥିଲେ।*

*କୋର୍ଟ କହିଛନ୍ତି ଯେ ପାର୍କ, ରାସ୍ତା ଓ ବସ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକୁ ମହିଳାଙ୍କ ପାଇଁ ବିପଦପୂର୍ଣ୍ଣ ସ୍ଥାନ ହେବାକୁ ଦିଆଯାଇପାରିବ ନାହିଁ । ୨୦୧୨ର ନିର୍ଭୟା ଘଟଣା ପରେ ଦେଶ କ'ଣ ଶିକ୍ଷା ନେଇଛି, ତାହା ନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି । ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନ ଓ ହିଂସାମୁକ୍ତ ଜୀବନ ବଞ୍ଚିବାର ଅଧିକାର ସହ ସାଧାରଣ ନାଗରିକଙ୍କ ସୁରକ୍ଷା ମଧ୍ୟ ଜଡ଼ିତ ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି।*

*ସେପ୍ଟେମ୍ବର ୨୧ରେ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଘଟଣା ପରେ ଦିଲ୍ଲୀରେ ବ୍ୟାପକ ପ୍ରତିବାଦ ହୋଇଥିଲା । ଏହାପରେ ଦିଲ୍ଲୀର ପାର୍କଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅଡିଟ୍ କରାଯାଇଥିଲା। ଅଡିଟ୍‌ରେ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଥିଲା । ଦିଲ୍ଲୀ ଡିଭେଲପମେଣ୍ଟ ଅଥରିଟି ପରିଚାଳିତ ୭୩୬ଟି ପାର୍କ ମଧ୍ୟରୁ ମାତ୍ର ୧୬ଟି ପାର୍କରେ ସିସିଟିଭି କ୍ୟାମେରା ଥିବା ଜଣାପଡ଼ିଥିଲା । ଅଡିଟ୍ ଅନୁଯାୟୀ, ପ୍ରାୟ ୧୯୦ଟି ପାର୍କକୁ ଅଧିକ ବିପଦପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇଥିଲା । ୫୨୦ଟି ପାର୍କରେ ଅତିରିକ୍ତ ଆଲୋକ ବ୍ୟବସ୍ଥା ଏବଂ ୩୨୩ଟି ପାର୍କରେ ଅଧିକ ସିସିଟିଭି କ୍ୟାମେରାର ଆବଶ୍ୟକତା ଥିବା ଜଣାପଡ଼ିଥିଲା । ଏହାଛଡ଼ା ଅନେକ ପାର୍କରେ ସୀମା ସୁରକ୍ଷା, ଗେଟ୍, ଶୌଚାଳୟ ଏବଂ ପରିତ୍ୟକ୍ତ ନିର୍ମାଣକୁ ନେଇ ମଧ୍ୟ ସମସ୍ୟା ରହିଥିବା ଅଡିଟ୍‌ରେ ଚିହ୍ନଟ ହୋଇଛି ।*

*ଆସ୍ଥା କୁଞ୍ଜ ପାର୍କରେ ୩୦ରୁ ଅଧିକ ସ୍ଥାନକୁ ସିସିଟିଭି ସ୍ଥାପନ ପାଇଁ ଚିହ୍ନଟ କରାଯାଇଛି । ପାର୍କରେ ଅନେକ ଏକାନ୍ତ ଓ ଜଙ୍ଗଲିଆ ସ୍ଥାନ ଥିବାରୁ ସେଗୁଡ଼ିକ ଉପରେ ନଜର ରଖିବା କଷ୍ଟକର ବୋଲି ଅଧିକାରୀମାନେ କହିଛନ୍ତି । ମହିଳାଙ୍କ ସୁରକ୍ଷା ନେଇ ବ୍ୟବସ୍ଥାଗତ ଅବହେଳାକୁ ଗୁରୁତ୍ୱର ସହ ନେଇ ସୁପ୍ରିମକୋର୍ଟ କହିଛନ୍ତି ଯେ ଦିଲ୍ଲୀ ସରକାର ଓ ପୁଲିସ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବ୍ୟବସ୍ଥାଗତ ଭାବେ ବିଫଳ ହୋଇଛନ୍ତି । ରାଜଧାନୀରେ ମହିଳାମାନେ ଦିନ ହେଉ କି ରାତି, ଭୟମୁକ୍ତ ଭାବେ ଯାତାୟାତ କରିପାରିବା ଭଳି ପରିବେଶ ସୃଷ୍ଟି କରିବା ଏବେ ପୁଲିସ ଓ ପ୍ରଶାସନ ପାଇଁ ବଡ଼ ଦାୟିତ୍ୱ ହୋଇଛି ।*

ଓଡ଼ିଶା ନିଶବ୍ଦ
ODISHA NISHABDA
epaper.odishanishabda.com

# ୧୦୮ ବର୍ଷରେ ବି ଫିଟ୍ ସୁସାନ୍

କୁହାଯାଏ, ବୟସ କେବଳ ଏକ ସଂଖ୍ୟା। ଏହି କ୍ରମରେ ୧୦୮ ବର୍ଷ ବୟସରେ ଜଣେ ମହିଳା ସମ୍ପୂର୍ଣ୍ଣ ଫିଟ୍ ରହିବା ଯିଏ ଶୁଣିବେ ଅବାକ୍ ହେବା ନିଶ୍ଚିତ। ତେବେ ସୁସାନ୍ ଯଙ୍ଗ୍ ବ୍ରାଉନ୍ ଏହା କରି ଦେଖାଇଛନ୍ତି। ତାଙ୍କ ଜୀବନଶୈଳୀ ବି ଖୁବ୍ ଆକର୍ଷକ। ବଂଶ ଓ ଜୀବବିଜ୍ଞାନ ବାର୍ଦ୍ଧକ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ତଥାପି, ସୁସାନ୍‌ଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ଆମକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦିଏ। ତାହା ହେଲା, ଦୀର୍ଘାୟୁ କେବଳ ବର୍ଷ ବର୍ଷ ଧରି ବଞ୍ଚିବା ନୁହେଁ, ବରଂ ଦିନଗୁଡ଼ିକୁ ଶକ୍ତି ଓ ଆତ୍ମନିର୍ଭର ଭାବେ ଅତିବାହିତ କରିବାର କ୍ଷମତା ରଖିବା।



ବ୍ରାଉନ୍ ପ୍ରତିଦିନ ସକାଳେ ପ୍ରାୟ ୧୦ ମିନିଟ୍ ଷ୍ଟ୍ରେଚିଂ, ମାଂସପେଶୀ ମଜଭୁତ୍ କରିବା ଓ ଭାରସାମ୍ୟ ରକ୍ଷା ପାଇଁ ବ୍ୟାୟାମ କରନ୍ତି। ସେ କୌଣସି ବାଡ଼ି କିମ୍ବା ୱାର୍କର ସାହାଯ୍ୟ ବିନା ଚାଲିଥା'ନ୍ତି। ବୟସ ବଢ଼ିବା ସହ ମାଂସପେଶୀର ଶକ୍ତି, ଭାରସାମ୍ୟ ଓ ଚଳପ୍ରଚଳ କ୍ଷମତାରେ ପରିବର୍ତ୍ତନ ଆସିବା ସ୍ୱାଭାବିକ। ତେବେ ଶାରୀରିକ ପରିଶ୍ରମ ଜାରି ରଖିବା ଦ୍ୱାରା ବୃଦ୍ଧବୃଦ୍ଧାମାନେ ସେମାନଙ୍କର କାର୍ଯ୍ୟକ୍ଷମତା ଓ ଆତ୍ମନିର୍ଭରଶୀଳତା ବଜାୟ ରଖିପାରିବେ। ବ୍ରାଉନ୍ ମୁଖ୍ୟତଃ ସେଓ ଓ ବ୍ଲୁବେରି ଭଳି ଫଳ ଖାଆନ୍ତି ଏବଂ ଭଜା ଜିନିଷ, ଅତିରିକ୍ତ ମିଠା ଓ ମଦ୍ୟପାନରୁ ଦୂରେଇ ରୁହନ୍ତି।

ଫଳ ଆମକୁ ଫାଇବର, ଭିଟାମିନ୍ ଓ ଅନ୍ୟ ପୋଷକ ତତ୍ତ୍ୱ ଯୋଗାଇଥାଏ। ତେବେ କେବଳ ଖାଦ୍ୟ ସୁସାନ୍‌ଙ୍କ ଦୀର୍ଘାୟୁର ଏକମାତ୍ର ରହସ୍ୟ ବୋଲି କହିହେବ ନାହିଁ। ତାଙ୍କ ଜୀବନର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଉଛି, ତାଙ୍କର ଆତ୍ମନିର୍ଭରଶୀଳତା। ସେ ଗତ ୭୦ ବର୍ଷରୁ ଅଧିକ ସମୟ ଧରି ଘରେ ରହୁଛନ୍ତି ଓ ନିଜେ ଗାଡ଼ି ଚଳାଇ ଜରୁରି କାମ କରୁଛନ୍ତି। ୨୦୩୩ ପର୍ଯ୍ୟନ୍ତ ତାଙ୍କର ଡ୍ରାଇଭିଂ ଲାଇସେନ୍‌ସ ନବୀକରଣ ହୋଇଥିବା କଥା ଅନ୍‌ଲାଇନ୍‌ରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ସେ ମଧ୍ୟ ରୋମାଞ୍ଚକର ଉପନ୍ୟାସ ପଢ଼ନ୍ତି, ପଜଲ୍ ଓ ଶବ୍ଦଛକ ଖେଳନ୍ତି, ଗୀର୍ଜାକୁ ଯା'ନ୍ତି ଏବଂ ବନ୍ଧୁ, ପରିବାର ସହ ସମୟ ବିତାନ୍ତି। ଏହି କାର୍ଯ୍ୟଗୁଡ଼ିକ କେବଳ ମନୋରଞ୍ଜନ ନୁହେଁ, ବରଂ ସାମାଜିକ ସମ୍ପର୍କ, ମାନସିକ ସ୍ୱାସ୍ଥ୍ୟ ଓ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ। ଦୀର୍ଘାୟୁ କେବଳ ଶରୀରକୁ ଚାଲୁ ରଖିବା ନୁହେଁ, ବରଂ ପ୍ରତିଦିନ ସକାଳେ ଉଠିବାର କିଛି ଅର୍ଥପୂର୍ଣ୍ଣ କାରଣ ରହିବା ଦରକାର ବୋଲି ସେ ବିଶ୍ୱାସ କରନ୍ତି।

# ବାରିପଦାରେ ପ୍ରଥମ ଶୋ'ରୁମ୍ (ରାଜ୍ୟରେ ଦଶମ) ଖୋଲି ଓଡ଼ିଶାରେ ନିଜର ଉପସ୍ଥିତିକୁ ସୁଦୃଢ଼ କଲା ଫେନେଷ୍ଟା

ବାରିପଦା : ଭାରତର ଅଗ୍ରଣୀ ୱିଣ୍ଡୋ (ଝରକା) ଓ ଡୋର୍ (କବାଟ) ବ୍ରାଣ୍ଡ୍ ଫେନେଷ୍ଟା ବାରିପଦାରେ ନିଜର ପ୍ରଥମ ଶୋ'ରୁମ୍ ଖୋଲି ଓଡ଼ିଶାରେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଫର୍ଣ୍ଣିଚର୍ ୱାର୍ଲ୍ଡ ଦ୍ୱାରା ପରିଚାଳିତ ଏହି ଶୋ'ରୁମ୍‌ଟି ପ୍ଲଟ୍ ନଂ ୨୨୩/୩୦୫୫, ୨୦୮/୩୦୪୫, ରଘୁନାଥପୁର, ବାରିପଦା (ଅଶୋକ ଲେଲାଣ୍ଡ ୱାର୍କସପ୍ ନିକଟରେ) ଠାରେ ଅବସ୍ଥିତ। ଏହା ସ୍ଥାନୀୟ ଗ୍ରାହକଙ୍କ ପାଇଁ ଫେନେଷ୍ଟାର ସେବା ଓ ଉତ୍ପାଦର ଉପଲବ୍ଧତାକୁ ବୃଦ୍ଧି କରିବା ସହ ବୃଦ୍ଧି ପାଉଥିବା ଆବାସିକ ଓ ବାଣିଜ୍ୟିକ ବଜାରରେ ବିଶ୍ୱସ୍ତରୀୟ ଫେନେଷ୍ଟ୍ରେସନ୍ (ଝରକା ଓ କବାଟ ସମ୍ବନ୍ଧୀୟ) ସମାଧାନ ପ୍ରଦାନ କରିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

ନୂତନ ଭାବରେ ଆରମ୍ଭ ହୋଇଥିବା ଶୋ'ରୁମ୍ ଗ୍ରାହକମାନଙ୍କୁ ଫେନେଷ୍ଟାର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓର ଏକ ନିବିଡ଼ ଅଭିଜ୍ଞତା ପ୍ରଦାନ କରେ, ଯେଉଁଥିରେ ୟୁପିଭିସି ଏବଂ ଆଲୁମିନିୟମ୍ ଝରକା ତଥା ଦ୍ୱାର, ସଲିଡ୍ ପ୍ୟାନେଲ୍ ଦ୍ୱାର ଏବଂ ଫେକେଡ୍ ଅନ୍ତର୍ଭୁକ୍ତ। ବିକଶିତ ସ୍ଥାପତ୍ୟ ପସନ୍ଦ ଏବଂ ଆଧୁନିକ ଜୀବନଶୈଳୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଶୋ'ରୁମ୍ ଉଚ୍ଚ-କାର୍ଯ୍ୟକ୍ଷମ, ସ୍ଥାୟୀ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ପରିଷ୍କୃତ ଫେନେଷ୍ଟ୍ରେସନ୍ ସମାଧାନ ଖୋଜୁଥିବା ଘରମାଲିକ, ସ୍ଥପତି, ଆଭ୍ୟନ୍ତରୀଣ ଡିଜାଇନର୍, ବିଲ୍ଡର୍ ଏବଂ ଠିକାଦାରମାନଙ୍କ ପାଇଁ ଏକ ୱାନ୍-ଷ୍ଟପ୍ ଗନ୍ତବ୍ୟସ୍ଥଳ ଭାବରେ କାର୍ଯ୍ୟ କରେ।

ଏହି ଶୁଭାରମ୍ଭ ଅବସରରେ ଫେନେଷ୍ଟାର ବିଜନେସ୍ ହେଡ୍ ଶ୍ରୀ ସାକେତ ଜୈନ କହିଛନ୍ତି: 'ଓଡ଼ିଶାରେ ଆବାସିକ ଏବଂ ବ୍ୟବସାୟିକ କ୍ଷେତ୍ରରେ କ୍ରମାଗତ ବିକାଶ ଦେଖିବାକୁ ମିଳୁଛି ଏବଂ ଏହା ସହିତ ଉନ୍ନତମାନର, ଅଭିନବ ତଥା ଡିଜାଇନ୍-ଭିତ୍ତିକ ନିର୍ମାଣ ସମାଧାନର ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଫର୍ଣ୍ଣିଚର୍ ୱାର୍ଲ୍ଡ ସହ ସହଯୋଗରେ ବାରିପଦାରେ ଆମର ପ୍ରଥମ ଶୋ'ରୁମ୍ ?ର ଶୁଭାରମ୍ଭ, ଏହି ଅଞ୍ଚଳରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଗ୍ରାହକଙ୍କ ନିକଟରେ ଫେନେଷ୍ଟାର ବିଶ୍ୱସ୍ତରୀୟ ଫେନେଷ୍ଟ୍ରେସନ୍ (ଝରକା ଓ କବାଟ ସମ୍ବନ୍ଧୀୟ) ସମାଧାନ ପହଞ୍ଚାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଶୋ'ରୁମ୍ ଗ୍ରାହକମାନଙ୍କୁ ଆମର ବିଭିନ୍ନ ପ୍ରକାରର ଉତ୍ପାଦଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାର ଏବଂ ସେମାନଙ୍କ ଘର ଓ ପ୍ରକଳ୍ପ ପାଇଁ ଉପଯୁକ୍ତ ନିଷ୍ପତ୍ତି ନେବାର ସୁଯୋଗ ପ୍ରଦାନ କରିବ।'

ଏହି ଶୁଭାରମ୍ଭ ସହିତ, ଫେନେଷ୍ଟା ଓଡ଼ିଶାରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବା ଜାରି ରଖିଛି ଏବଂ ଅଭିନବତା, ଉତ୍କୃଷ୍ଟ ଗୁଣବତ୍ତା ଓ ଗ୍ରାହକ-କୈନ୍ଦ୍ରିକ ସେବାର ପ୍ରତିଶ୍ରୁତିକୁ ଗ୍ରାହକଙ୍କ ନିକଟତର କରୁଛି।



ବାରିପଦା ଶୋ'ରୁମ୍ ଡିଜାଇନ୍‌ର ଉତ୍କର୍ଷତା, ଉନ୍ନତ ଇଞ୍ଜିନିୟରିଂ ଏବଂ ଉତ୍ପାଦର ଦୀର୍ଘସ୍ଥାୟୀ କାର୍ଯ୍ୟଦକ୍ଷତା ଉପରେ ଫେନେଷ୍ଟାର ଗୁରୁତ୍ୱକୁ ପ୍ରତିଫଳିତ କରୁଛି; ଏହା ଏପରି ସମାଧାନ ପ୍ରଦାନ କରୁଛି ଯାହା ଆଧୁନିକ ଘର ଏବଂ ବ୍ୟବସାୟିକ ସ୍ଥାନଗୁଡ଼ିକର ପରିବର୍ତ୍ତନଶୀଳ ଆବଶ୍ୟକତାକୁ ପୂରଣ କରିଥାଏ।

ଫେନେଷ୍ଟାର ଆଜି ସାରା ଭାରତରେ ୪୦୦ ରୁ ଅଧିକ ଡିଲରଙ୍କ ଏକ ଦୃଢ଼ ନେଟୱାର୍କ ଅଛି ଏବଂ ନେପାଳ, ଭୁଟାନ, ମାଳଦ୍ୱୀପ, ଶ୍ରୀଲଙ୍କା, ଘାନା ଏବଂ କେନିଆରେ ଏହାର ବିସ୍ତାରିତ ଅନ୍ତର୍ଜାତୀୟ ଉପସ୍ଥିତି ରହିଛି। ନବସୃଜନ, ଗୁଣବତ୍ତା ଏବଂ ସ୍ଥାୟୀତ୍ୱ ଉପରେ ନିରନ୍ତର ଧ୍ୟାନ ସହିତ, ଫେନେଷ୍ଟା ବଜାରରେ ଫେନେଷ୍ଟ୍ରେସନ୍ ଅଭିଜ୍ଞତାକୁ ପୁନଃପରିଭାଷିତ କରିବା ପାଇଁ ପ୍ରତିବଦ୍ଧ। ଭାରତ କିପରି ଝରକା ଏବଂ ଦ୍ୱାର ଅନୁଭବ କରେ ତାହା ପରିବର୍ତ୍ତନ କରିବା ପାଇଁ ଫେନେଷ୍ଟାର ଯାତ୍ରାରେ ନୂତନ ବାରିପଦା ଶୋ'ରୁମ୍‌ର ଶୁଭାରମ୍ଭ ଆଉ ଏକ ମାଇଲଖୁଣ୍ଟ।

# ଓଡ଼ିଶାର ନୂଆ ପିଢ଼ିର ଉଦ୍ୟୋଗୀଙ୍କୁ ଖୋଜିବ 'ଆଇଡିଆଥନ୍-୨୦୨୬'

**ଭୁବନେଶ୍ୱର :** ଓଡ଼ିଶାରେ ନୂଆ ବ୍ୟବସାୟିକ ଚିନ୍ତାଧାରା ଓ ଉଦ୍ୟୋଗୀ ପ୍ରତିଭାକୁ ଚିହ୍ନଟ କରି ତାହାକୁ ସଫଳ ଉଦ୍ୟମରେ ପରିଣତ କରିବା ଲକ୍ଷ୍ୟରେ ସ୍ୱାବଲମ୍ବୀ ଓଡ଼ିଶା ପକ୍ଷରୁ 'ଆଇଡିଆଥନ୍-୨୦୨୬'ର ଶୁଭାରମ୍ଭ କରାଯାଇଛି।




ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ଶିକ୍ଷାନୁଷ୍ଠାନ, ଯୁବ ପ୍ରତିଭା ଓ ଉଦ୍ୟୋଗୀ ସମୁଦାୟ ମଧ୍ୟରୁ ନୂତନ ଓ ସୃଜନଶୀଳ ବ୍ୟବସାୟିକ ଚିନ୍ତାଧାରା ଚିହ୍ନଟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀ, ମହିଳା ଉଦ୍ୟୋଗୀ, ଆଦିବାସୀ ଉଦ୍ୟୋଗୀ, ଗ୍ରାମୀଣ ନବସୃଜନକାରୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଏଥିରେ ବିଶେଷ ଗୁରୁତ୍ୱ ଦିଆଯିବ।

ଆଗ୍ରହୀ ପ୍ରତିଯୋଗୀମାନେ ୪ ନଭେମ୍ବର ୨୦୨୬ ସୁଦ୍ଧା ନିଜର ନୂଆ ବ୍ୟବସାୟିକ ଚିନ୍ତାଧାରା ଦାଖଲ କରିପାରିବେ। ଚୟନ ହେଉଥିବା ପ୍ରତିଭାମାନଙ୍କୁ ବ୍ୟବସାୟିକ ମଡେଲ୍ ପ୍ରସ୍ତୁତି, ବଜାର ସମ୍ଭାବନା ଯାଞ୍ଚ, ଅଭିଜ୍ଞ ମେଣ୍ଟରଙ୍କ ପରାମର୍ଶ, ଆର୍ଥିକ ଯୋଜନା, ବୃତ୍ତିଗତ ମାର୍ଗଦର୍ଶନ, ଅର୍ଥ ଯୋଗାଣର ସୁଯୋଗ ଏବଂ ବଜାର ସହ ସଂଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯାଇ ଉଦ୍ୟୋଗୀମାନଙ୍କୁ ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ଗବେଷଣା, ଡକ୍ୟୁମେଣ୍ଟେସନ୍, ମାର୍କେଟିଂ ଓ ପ୍ରାରମ୍ଭିକ ପର୍ଯ୍ୟାୟର ବିଭିନ୍ନ ଆବଶ୍ୟକତାରେ ସହାୟତା ଯୋଗାଇ ଦିଆଯିବ।

ସ୍ୱାବଲମ୍ବୀ ଓଡ଼ିଶାର ଅଧ୍ୟକ୍ଷ ସଦାଶିବ ମିଶ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, କେବଳ ଏକ ଭଲ ଚିନ୍ତାଧାରା ରହିଲେ ଉଦ୍ୟମ ସଫଳ ହୁଏ ନାହିଁ। ଏଥିପାଇଁ ଉପଯୁକ୍ତ ମେଣ୍ଟରସିପ୍, ବଜାର ସୁଯୋଗ, ଆର୍ଥିକ ମାର୍ଗଦର୍ଶନ ଏବଂ ଏକ ସୁଦୃଢ଼ ଉଦ୍ୟୋଗୀ

- **ସମସ୍ତ ୩୦ ଜିଲ୍ଲାରେ ପହଞ୍ଚିବ କାର୍ଯ୍ୟକ୍ରମ**
- **ଏଆଇ ସହାୟତା, ମେଣ୍ଟରସିପ୍, ଅର୍ଥ ଓ ବଜାର ସୁଯୋଗ ଉପଲବ୍ଧ**

ପରିବେଶ ଆବଶ୍ୟକ। ଗତ ବର୍ଷ ୧୧ ହଜାରରୁ ଅଧିକ ଷ୍ଟାର୍ଟଅପ୍ ବନ୍ଦ ହୋଇଥିବା ରିପୋର୍ଟ ଉଲ୍ଲେଖ କରି ସେ କହିଛନ୍ତି ଯେ, "ଏକ ଆଇଡିଆ ହେଉଛି ଆରମ୍ଭ, ଶେଷ ନୁହେଁ।" ସାମାଜିକ ଉଦ୍ୟୋଗୀ ଡ଼. ରୋଜାଲିନ ପଟ୍ଟସାଣୀ ମିଶ୍ର ମହିଳା ଓ ସାମାଜିକ ପ୍ରଭାବ ସୃଷ୍ଟି କରୁଥିବା ଉଦ୍ୟମଗୁଡ଼ିକୁ ଅଧିକ ସୁଯୋଗ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ଉଦ୍ୟୋଗୀଙ୍କ ପାଇଁ ଅଧିକ ସୁଯୋଗ ଓ ୩୩ ପ୍ରତିଶତ ପ୍ରତିନିଧିତ୍ୱ ଉପରେ ସେ ଗୁରୁତ୍ୱ ଦେବା ସହ ତୃଣମୂଳସ୍ତରର ସମସ୍ୟାର ସମାଧାନରେ ସାମାଜିକ ଉଦ୍ୟୋଗୀତାର ଭୂମିକା ବଢୁଥିବା କହିଥିଲେ।

ଏହା ସହିତ ଓଡ଼ିଶାର ଆଦିବାସୀ ସମୁଦାୟର ପାରମ୍ପରିକ ଜ୍ଞାନ, ସ୍ଥାନୀୟ ସମ୍ପଦ, ହସ୍ତଶିଳ୍ପ, କୃଷି ଓ ସମୁଦାୟଭିତ୍ତିକ ଉଦ୍ୟମକୁ ବଜାର ସହ ଯୋଡ଼ି ସ୍ଥାୟୀ ଜୀବିକା ଓ ନୂତନ ରୋଜଗାର ସୃଷ୍ଟି ଉପରେ ମଧ୍ୟ ଆଇଡିଆଥନ୍‌ରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ଅଭିଯାନକୁ ସଫଳ କରିବା ପାଇଁ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ ସଂସ୍ଥା, ବ୍ୟାଙ୍କ, ନିବେଶକ, ଶିଳ୍ପ ସଂଗଠନ ଓ ଅଭିଜ୍ଞ ମେଣ୍ଟରମାନଙ୍କୁ ସ୍ୱାବଲମ୍ବୀ ଓଡ଼ିଶା ପକ୍ଷରୁ ସହଯୋଗ ପାଇଁ ଆହ୍ୱାନ କରାଯାଇଛି।

# ରାସନ ଚାଉଳରେ ଚଳୁଛି ସଂସାର: ଦୁଇପିଲା ଓ ବାପା ସମସ୍ତେ ଦିବ୍ୟାଙ୍ଗ

କୋରେଇ: ବିଛଣାରେ ପଡ଼ିରହି କେବଳ ଉପରକୁ ଚାହିଁ ରହିଛି ୯ ବର୍ଷର ପୁଅ। ନା କିଛି ଶୁଣିପାରୁଛି ନା ଜାଣିପାରୁଛି। ତା' ପାଖରେ ଗୁରୁଣ୍ଡିଗୁରୁଣ୍ଡି ଯାଇ ବସିପଡୁଛି ୨ ବର୍ଷର କୁନି ଭଉଣୀ। ଏଣେତେଣେ ଚାହୁଁଛି, କେତେବେଳେ ଭାଇ ମୁହଁକୁ ବଲବଲ କରି ଅନେଇ ରହୁଛି। ଅଜଣା ରୋଗରେ ପୀଡ଼ିତ ଦୁଇପିଲାଙ୍କ ଏଭଳି ଅବସ୍ଥା ଦେଖି ଆଖିରୁ ଲୁହ ଝରାଉଛନ୍ତି ଅସହାୟ ବାପା, ମା'। ସେ ବି କିଛି କହି ପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଦୁଇ ପିଲାଙ୍କ ସହିତ ବାପା ମଧ୍ୟ ଜନ୍ମରୁ ଦିବ୍ୟାଙ୍ଗ। ରୋଜଗାର କରିବାକୁ କେହି ନାହିଁ। ଓଳିଏ ଖାଇଲେ ଓଳିଏ ଉପାସ। କେବଳ ସରକାରଙ୍କଠାରୁ ମିଳୁଥିବା ରାସନ ଚାଉଳ ସେମାନଙ୍କର ସାହା ଭରସା। ଯାଜପୁର କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗାଁରେ ଦେଖିବାକୁ ମିଳିଛି ଏଭଳି କରୁଣ ଚିତ୍ର।



ଏହି ଗ୍ରାମର ହୃଷୀକେଶ ଅଧିକାରୀ ଜନ୍ମରୁ ଦିବ୍ୟାଙ୍ଗ। ସେ ଶୁଣିପାରନ୍ତି ନାହିଁ କି କଥା କହି ପାରନ୍ତିନି। ବଡ଼ ହେବା ପରେ ହୃଷୀକେଶ ଅନ୍ୟ କାମଧନ୍ଦା କରୁଥିଲେ। ବେଶୀ ପାଠ ପଢ଼ିନଥିଲେ ମଧ୍ୟ ରୋଷେଇ କାମରେ ଥିଲେ ନିପୁଣ। ବିଭିନ୍ନ ସାମାଜିକ ଉତ୍ସବରେ ଭୋଜିଭାତ ପାଇଁ ତାଙ୍କୁ ରୋଷେଇ କରିବାକୁ ଲୋକେ ଡାକୁଥିଲେ। ଶ୍ରବଣବାଧିତ ହୃଷୀକେଶ ଠାରରେ ସବୁ ବୁଝିଥାନ୍ତି। ୫ ବର୍ଷ ତଳେ ତାଙ୍କର ବାହାଘର ହୋଇଥିଲା ପ୍ରୀତିମୟୀଙ୍କ ସହିତ। ବିବାହର ବର୍ଷକ ପରେ ବଡ଼ପୁଅ ଜନ୍ମ ହୋଇଥିଲା। ହେଲେ ଜନ୍ମରୁ ପିଲାଟିକୁ କିଛି ଶୁଭୁନଥିଲା। ବଡ଼ ହେବା ପରେ ପୁଅ ଜଣେ ଦିବ୍ୟାଙ୍ଗ ବୋଲି ଡାକ୍ତର କହିଥିଲେ। ସ୍ୱଳ୍ପ ରୋଜଗାରରେ ବାପାମା' ବହୁଆଡ଼େ ବୁଲିବୁଲି ପୁଅର ଚିକିତ୍ସା କରାଇଥିଲେ। ହେଲେ ଫଳ କିଛି ହେଲାନି। କିଛିଦିନ ପରେ ଝିଅଟି ଜନ୍ମ ହୋଇଥିଲା। ସେ ମଧ୍ୟ ଦିବ୍ୟାଙ୍ଗ ହୋଇ ଭୂମିଷ୍ଠ ହୋଇଥିଲା, ଯିଏକି ଜନ୍ମରୁ କଥା କହିପାରୁନି। ଦିନକୁ ଦିନ ହୃଷୀକେଶଙ୍କ ରୋଜଗାର କମୁଥିବାବେଳେ ଦୁଇପିଲାଙ୍କ ବୋଝ ବଢ଼ି ଚାଲିଥିଲା। ୪ ପ୍ରାଣୀ କୁଟୁମ୍ବଙ୍କ ପେଟ ପୋଷିବାକୁ କେବଳ ମିଳୁଥିବା ୨୦ କେଜି ରାସନ ଚାଉଳ ହିଁ ଭରସା। ହୃଷୀକେଶ ପିଲାଙ୍କୁ ନେଇ ଯାଜପୁରରୁ ଆରମ୍ଭ କରି କଟକ ଓ ଭୁବନେଶ୍ୱରରେ ବହୁ ଡାକ୍ତରଙ୍କୁ ଦେଖାଇଲେଣି। ଘରୋଇ ଚିକିତ୍ସା ମଧ୍ୟ କଲେଣି। ହେଲେ ସବୁ ନିଷ୍ଫଳ। ମା' ପ୍ରୀତିମୟୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟ ପିଲାମାନେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ତାଙ୍କର ୨ଟି ଯାକ ପିଲା ବିଛଣାରେ ପଡ଼ି ରହିଛନ୍ତି ବୋଲି କୋହଭରା କଣ୍ଠରେ କହିଛନ୍ତି। ଅନ୍ୟପକ୍ଷରେ ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ନାହିଁ। ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାରରେ ଟାଇଲ ଛପର ଘରଟିଏ ତିଆରି କରିଛନ୍ତି। ସେଠାରେ ପୂରା ପରିବାର ମୁଣ୍ଡ ଗୁଞ୍ଜିବା ସହିତ ରୋଷେଇ କରନ୍ତି। ହୃଷୀକେଶ ଯାହା ରୋଜଗାର କରନ୍ତି ତାହା ଦୁଇପିଲାଙ୍କ ଚିକିତ୍ସାରେ ଖର୍ଚ୍ଚ ହେଉଛି।

କଥା କହି ପାରୁନଥିବାରୁ ଏବେ ଲୋକମାନେ ତାଙ୍କୁ ଆଉ ମୁଖ୍ୟ ରୋଷେୟା ଭାବେ ଡାକୁ ନାହାନ୍ତି। କିଛି ରୋଷେୟାଙ୍କ ସହିତ ଟହଲିଆ ଭାବେ କାମ କରୁଛନ୍ତି। ସେଥିରୁ ଯାହା ରୋଜଗାର ହେଉଛି ସେଥିରେ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଦୁଇ ଦିବ୍ୟାଙ୍ଗ ପିଲା ଓ ସ୍ୱାମୀଙ୍କୁ ଧରି ପ୍ରୀତିମୟୀ ଦୁଃଖକଷ୍ଟରେ ପରିବାର ଚଳାଉଥିବାବେଳେ ସରକାରୀ ସହାୟତା ମିଳିଲେ ପିଲାଙ୍କ ଚିକିତ୍ସା କରାନ୍ତେ ବୋଲି ବାଷ୍ପରୁଦ୍ଧ ସ୍ୱରରେ କହିଛନ୍ତି। ଅନେକଥର ଜିଲ୍ଲାପାଳଙ୍କ ଜନଶୁଣାଣିରେ ସେ ଦରଖାସ୍ତ କରିବା ସହ ବିଡିଓଙ୍କୁ ଗୁହାରି ମଧ୍ୟ କରିଛନ୍ତି। ତଥାପି ସମ୍ବେଦନଶୀଳ ହୋଇନି ପ୍ରଶାସନ। ଏ ସଂପର୍କରେ କୋରେଇ ବିଡିଓ ଅବନୀକାନ୍ତ ସାହୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସେମାନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ଦିଆଯିବା ସହିତ ଜିଲ୍ଲାପାଳଙ୍କ ରେଡ୍‌କ୍ରସ ପାଣ୍ଠିରୁ ପିଲାଙ୍କ ଚିକିତ୍ସା ପାଇଁ ଅର୍ଥ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଜଳେଶ୍ୱରରେ ପୁଣି ବାଲିମାଫିଆ ସକ୍ରିୟ, ଚଢ଼ାଉ ବେଳେ ୫ ଟ୍ରାକ୍ଟର ଜବତ

ଜଳେଶ୍ୱର: ଜଳେଶ୍ୱରରେ ମାତିଛନ୍ତି ବାଲି ମାଫିଆ। କେଉଁଠି ନଦୀର ପାଣି ଧାର ଭିତରୁ ବାଲି ମାଫିଆମାନେ ବାଲି ଛାଣି ଆଣୁଛନ୍ତି ତ ଆଉ କେଉଁଠି ଖରାଦିନେ ଆଇନ୍ ଉଲଙ୍ଘନ କରି ନଦୀରୁ ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନରେ ହଜାର ହଜାର ଟ୍ରିପ ଠୁଳ କରିଥିଲେ। ସେସବୁ ବାଲି ଏବେ ବେଧଡକ ଭାବେ ଓଡ଼ିଶା ସମେତ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ବାଲି ମାଫିଆମାନେ ମାଲାମାଲ ହେଉଛନ୍ତି। ଆଜି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗର ଏକ ଟିମ୍



ପେଟ୍ରୋଲିଂ କରୁଥିବା ସମୟରେ ଚାଫଲା ନିକଟରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୫ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ତେବେ ଗାଡ଼ି ଚାଳକଙ୍କ ନିକଟରେ ପରିବହନ ସମ୍ବନ୍ଧୀୟ କୌଣସି କାଗଜପତ୍ର ନଥିବାରୁ ଟ୍ରାକ୍ଟରଗୁଡ଼ିକୁ ଜବତ କରାଯାଇଛି। ଏହି ବାଲି ବୋଝେଇ ଟ୍ରାକ୍ଟର ଗୁଡ଼ିକ ରାଇବଣିଆ ଥାନା ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ଗୁଆଗଡ଼ିଆରୁ ଆସୁଥିବା କୁହାଯାଇଛି।

# ପୁରୀର ୫୦ ମହିଳା ଏସଏଚଜିକୁ 'ମହିଳା ଅନୁକୂଳ ନଡ଼ିଆ କତା ଛଡ଼ାଇବା ଯନ୍ତ୍ର' ସହାୟତା

**ଭୁବନେଶ୍ୱର:** ଭୁବନେଶ୍ୱରସ୍ଥିତ ଆଇସିଏଆର-କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ପକ୍ଷରୁ ୫୦ଟି ଏସ୍‌ଏଚଜି ସଦସ୍ୟଙ୍କୁ ଅଭିନବ 'ମହିଳା ଅନୁକୂଳ ପେଡାଲ୍ ଚାଳିତ ନଡ଼ିଆ କତା ଛଡ଼ାଇବା ଯନ୍ତ୍ର' ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲାର ୧୧ଟି ଗ୍ରାମ ପଞ୍ଚାୟତ ଅଧୀନ ୧୯ଟି ଗ୍ରାମକୁ ନେଇ ଏହି ପଦକ୍ଷେପ କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ୫୦୦ରୁ ଅଧିକ ମହିଳା କୃଷକ ଉପକୃତ ହେବା ସହ ବିଶେଷ ଭାବେ ଅନୁସୂଚିତ ଜାତି ବର୍ଗର ମହିଳା କୃଷକମାନେ ଲାଭାନ୍ୱିତ ହେବେ।

ଗ୍ରାମୀଣ ମହିଳାମାନଙ୍କ ପାଇଁ ନଡ଼ିଆ ଚୋପା ଛଡ଼ାଇବା ଏକ ଶ୍ରମସାଧ୍ୟ ଓ କଷ୍ଟକର କାର୍ଯ୍ୟ। ମହିଳାମାନଙ୍କର ଶାରୀରିକ ସୁବିଧା ଓ ଆବଶ୍ୟକତାକୁ ଧ୍ୟାନରେ ରଖି ସଂସ୍ଥାନ ଦ୍ୱାରା ଏହି ସ୍ୱତନ୍ତ୍ର ପେଡାଲ୍-ଚାଳିତ ମହିଳା-ଅନୁକୂଳ ନଡ଼ିଆ କତା ଛଡ଼ା ଯନ୍ତ୍ର ପ୍ରସ୍ତୁତ କରାଯାଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି କାମର କଷ୍ଟ କମାଇବା, କାର୍ଯ୍ୟ ପରିବେଶରେ ସୁଧାର ଆଣିବା ଏବଂ ହାତ, ପାପୁଲିର ଆଘାତ ଓ ମାଂସପେଶୀ ଜନିତ ଯନ୍ତ୍ରଣାର ବିପଦକୁ କମ୍ କରିବା। ସଂସ୍ଥାନ ଦ୍ୱାରା ବିକଶିତ ମହିଳା-ଅନୁକୂଳ ପ୍ରଯୁକ୍ତିବିଦ୍ୟାଗୁଡ଼ିକ କାମର କଷ୍ଟ କମାଇବା, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଓ ଦକ୍ଷତା ବୃଦ୍ଧି କରିବା ଏବଂ କୃଷି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ଓ ଜୀବିକା ନିର୍ବାହର ସୁଯୋଗକୁ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏହି ଅବସରରେ ଓଡ଼ିଶାର ପୁରୀ ଜିଲ୍ଲାର ସତ୍ୟବାଦୀ, ବ୍ରହ୍ମଗିରି, କଣାସ ଓ ଡେଲାଙ୍ଗ ବ୍ଲକ୍ ଅଧୀନ ୧୧ଟି ଗ୍ରାମ ପଞ୍ଚାୟତର ୧୯ଟି ଗ୍ରାମର ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ହିତାଧିକାରୀମାନଙ୍କୁ ଏହି ପ୍ରଯୁକ୍ତିର ବ୍ୟବହାର ନେଇ ପ୍ରାୟୋଗିକ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଥିଲା। ସଂସ୍ଥାନର ନିର୍ଦ୍ଦେଶକ ଡ. ମୃଦୁଳା ଦେବୀ ମହିଳାଙ୍କ ଶାରୀରିକ ପରିଶ୍ରମ ହ୍ରାସ ଓ ସଶକ୍ତୀକରଣ ପାଇଁ ମହିଳା ଅନୁକୂଳ ପ୍ରଯୁକ୍ତିର ପ୍ରଚାର ଓ ପ୍ରସାର ଦିଗରେ ପ୍ରତିଷ୍ଠାନର ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂସ୍ଥାନ ପକ୍ଷରୁ ବିକଶିତ ପ୍ରଯୁକ୍ତିଗୁଡ଼ିକ ମହିଳା କୃଷକଙ୍କ କାର୍ଯ୍ୟ ପରିବେଶ, ଦକ୍ଷତା, ଆୟ ଓ ଜୀବିକାରେ ଉନ୍ନତି ଆଣିବାର ବ୍ୟାପକ ସମ୍ଭାବନା ରହିଥିବା ସେ ଉଲ୍ଲେଖ କରିଥିଲେ।

# ଘର ଅଗଣାରେ ସ୍ୱାମୀଙ୍କୁ କବର ଦେଲେ ଅସହାୟ ମହିଳା

**କାଳିଆପାଣି :** କିଡ୍‌ନ ରୋଗରେ ଆକ୍ରାନ୍ତ ଥିବା କାଳିଆପାଣି ଚିରିଗୁଣିଆ ମାଝିସାହିର ଛଟେଇ ଖଣି ଶ୍ରମିକ ଲେଲସାନ ଟପ୍ପୋ (ଟୁନା)ଙ୍କର ୩୮ ବର୍ଷ ବୟସରେ ଅକାଳ ମୃତ୍ୟୁ ହୋଇଥିଲା। କଟକ ବଡ଼ଡାକ୍ତରଖାନାରୁ ମୃତଶରୀର ଧରି କାଳିଆପାଣି ଚିରିଗୁଣିଆ ମାଝିସାହିସ୍ଥିତ ଘରକୁ ଆସି ପହଞ୍ଚିବା ପରେ ସ୍ୱାମୀଙ୍କ ଶେଷକୃତ୍ୟକୁ ନେଇ କପର୍ଦ୍ଦକ ଶୂନ୍ୟ ପତ୍ନୀ ହୀରାମଣିଙ୍କ ଦୁଶ୍ଚିନ୍ତା ବଢ଼ିଗଲା। ଶେଷକୃତ୍ୟ ପାଇଁ ଶ୍ମଶାନ ବ୍ୟବସ୍ଥା ନଥିଲା।

ଖଣି ଲିଜ୍ ଏରିଆରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କବରଖାନା ୩ ବର୍ଷ ତଳୁ ଖଣିର ମାଟି ଡମ୍ପ୍ ତଳେ କବର ନେଇସାରିଛି। ପୈ?ତୃକ ଗାଁ ଝାଡ଼ଖଣ୍ଡର ସିମଡେଗା ଜିଲ୍ଲା କୋଲେବିରା ଥାନା କରମଘାଟ୍ ପହଞ୍ଚିବାକୁ ଦିନଟିଏ ଲାଗିଯିବ। ହାତରେ ଟଙ୍କାଟିଏ ବି ସମ୍ବଳ ନଥିବା ଅବସ୍ଥାରେ ମରଶରୀର ଧରି ଗାଁକୁ ଗାଡ଼ିଭଡ଼ା ୩୫ ହଜାର ଟଙ୍କା ଶୁଣି ତାଙ୍କ ଉପରେ ବଜ୍ର ପଡ଼ିଗଲା ଭଳି ଲାଗିଲା ବୋଲି କହନ୍ତି ଅସହାୟ ହୀରାମଣି। ତାଙ୍କ ୩ ପୁଅ ମଧ୍ୟରୁ ଦାଦନ ଖଟୁଥିବା ବଡ଼ପୁଅ ଗୁଲସନ ମାନସିକ ନ୍ୟୂନ। ମଝିଆଁ ଫ୍ରାନସିସ୍ ବେକାର ଯୁବକ। ସାନପୁଅ କୁନା ଏବର୍ଷ ମାଟ୍ରିକ ପାସ କରିଛି।

## ଆନ୍ଧ୍ରରେ ଖଟୁଥିଲେ ହୀରାମଣି

ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଥିବା ହୀରାମଣି ସ୍ୱାମୀଙ୍କ ଅସୁସ୍ଥତା ଶୁଣି ୨ ସପ୍ତାହ ପୂର୍ବରୁ ଘରକୁ ଆସିଥିଲେ। ତାଙ୍କ ରୋଜଗାର ଓ ସୀମିତ ସମ୍ବଳ ସ୍ୱାମୀଙ୍କ ଚିକିତ୍ସା ଓ ଶବ ଆଣିବାକୁ ନିଅଣ୍ଟ ହୋଇଥିଲା। ବିପରୀତ ପରିସ୍ଥିତିରେ ୨ ପୁଅ, ସଂପର୍କୀୟ ଓ ବନ୍ଧୁବାନ୍ଧବଙ୍କୁ ସାଥୀରେ ଧରି ସେ ନିଜ ଘର ଅଗଣାରେ ଗାତ ଖୋଳାଇ ସ୍ୱାମୀଙ୍କ ମରଶରୀରକୁ ଯଥାବିଧି କବର ଦେଇଥିଲେ। ପ୍ରସଙ୍ଗକୁ ନେଇ କାଳିଆପାଣି ଖଣିଅଞ୍ଚଳରେ ବସବାସ କରୁଥିବା ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସାଧାରଣରେ ଆଲୋଡ଼ନର କାରଣ ହୋଇଛି।

## କ୍ୟାଥଲିକ୍ ସମ୍ପ୍ରଦାୟର ୪୦ ପରିବାର

କାଳିଆପାଣି ଖଣିଅଞ୍ଚଳରେ ଗସନର ଇଭାଞ୍ଜେଲିକାଲ ଲୁଥରାନ ଓ ରୋମାନ କ୍ୟାଥଲିକ୍ ସମ୍ପ୍ରଦାୟର ୪୦ରୁ ଅଧିକ ଖ୍ରୀଷ୍ଟିଆନ ପରିବାର ୫୦ ବର୍ଷ ପୂର୍ବରୁ ବସବାସ କରିଆସୁନ୍ତି। କୋଳିପଶି ଚିରିଗୁଡ଼ା ବସ୍ତି ପାଖରେ ଥିବା କବରସ୍ଥାନକୁ ଖ୍ରୀଷ୍ଟିଆନମାନେ ଶ୍ମଶାନ ଭାବେ ବ୍ୟବହାର କରୁଥିଲେ। ସେଠାରେ ୫୦ରୁ ଅଧିକ କବର ରହିଛି। ଶେଷଥର ପାଇଁ ଗତ ୨୦୨୧ ମସିହା ନଭେମ୍ବର ମାସ ୨୧ ତାରିଖରେ ସେଠାରେ ମାଷ୍ଟର କେର୍କେଟାଙ୍କ ମରଶରୀରକୁ କବର ଦିଆଯାଇଥିଲା। ୨୦୨୨ ମସିହା ଏପ୍ରିଲ ୨୨ ତାରିଖ ଇଷ୍ଟର ପର୍ବରେ ବିଧବା ବୃଦ୍ଧା ବାହାଲେନ କେର୍କେଟା ସେଠାକୁ ଆସି ସ୍ୱାମୀଙ୍କ କବରକୁ ଚୂନ ଧଉଳାଇ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଇଥଲେ। ଉକ୍ତ ଶ୍ମଶାନ କ୍ରିୟାଶୀଳ ଖଣି ଲିଜ୍ ଏରିଆର ମାଟି ଡମ୍ପରେ ପୋତି ହୋଇଯାଇଛି। ୨୦୨୪ ଅକ୍ଟୋବର ୨୪ରେ ଚିରିଗୁଣିଆ ମାଝିସାହିର ଫ୍ରାନସିସ୍ କୁଲୁ (୬୫)ଙ୍କର ମୃତ୍ୟୁ ହୋଇଥିଲା। ସେତେବେଳେ ନିର୍ବିବାଦୀୟ ସ୍ଥାନ ଖୋଜି ତାଙ୍କୁ କବର ଦେବା ସମ୍ଭବ ହୋଇନଥିଲା। ବାଧ୍ୟ ହୋଇ ସଂପୃକ୍ତ ପରିବାର



ପୈତୃକ ଗାଁ ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବ୍ଲକ ବୀରମିତ୍ରପୁର ଥାନା ଜଲଙ୍ଗବିରା ହେଟ୍ ବାହାଲ ଯାଇ ଶେଷକୃତ୍ୟ କରାଇଥିଲେ। ସେଦିନରୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ସ୍ୱତନ୍ତ୍ର କବରସ୍ଥାନ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ଏଯାବତ୍ ସେମାନେ ସକ୍ଷମ ହୋଇପାରିନଥିବା କୁହାଯାଇଛି।

# ଓଡ଼ିଶାରେ ବନ୍ୟା କାହିଁକି ?

ଏବେ ଟିକେ ବନ୍ୟାର ପ୍ରକୋପ କମିଛି। ଆଉ ସରକାର କ୍ଷୟକ୍ଷତି ସହାୟତା ଘୋଷଣା ମଧ୍ୟ କରିଛନ୍ତି। ଏଥିସହିତ ଏଥରର ବନ୍ୟା ଯନ୍ତ୍ରଣା ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଇତିହାସରେ ଆଉ ଗୋଟିଏ ପୃଷ୍ଠା ମଣ୍ଡନ କରିବ ଓ ରାଜ୍ୟବାସୀଙ୍କ ସ୍ମୃତିପଟରୁ ଧୀରେ ଧୀରେ ହଜିଯିବ, ଠିକ୍ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟଜନିତ ଘଟଣା ଭଳି।

ହେଲେ ଯେଉଁ ପ୍ରସଙ୍ଗଟି ଆନ୍ଦୋଳିତ କରୁଛି, ଆମ ବ୍ୟବସ୍ଥାକୁ ପ୍ରଶ୍ନଘେରରେ ଛିଡ଼ା କରାଇଛି, ତାହା ହେଲା- ଏ ବନ୍ୟାକୁ ଏଡ଼ାଇ ଦିଆଯାଇପାରିଥାନ୍ତା କି ? ରାଜ୍ୟ ସରକାରଙ୍କ ଜଳ ସଂପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ ପ୍ରମୁଖଙ୍କ ଭୂମିକା ତର୍ଜମାର ଅବକାଶ ରଖେ ନା ନାହିଁ? ଆଉ କେତେ ବିପର୍ଯ୍ୟୟ ସାମନା କଲେ ଓଡ଼ିଶା ସରକାର ଶିଖିବେ ?

ଏମିତି କିଛି ପ୍ରଶ୍ନ ରଖିବା ବେଳେ ଆମେ ସ୍ପଷ୍ଟ ଭାବେ କହିବାକୁ ଚାହୁଁ ଯେ ମହାବାତ୍ୟା ପରଠାରୁ ଓଡ଼ିଶା ବିପର୍ଯ୍ୟୟ ମୁକାବିଲା ଦିଗରେ କିଛି ବାଟ ଆସିଛି ନିଶ୍ଚୟ। ସରକାର ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାଠାରୁ ସାବାସୀ ଓ ପୁରସ୍କାର ଗୋଟାଇଛନ୍ତି। ମାତ୍ର ଏ ଜଟିଳ ପରିସ୍ଥିତିର ଠିକ୍ ମୁକାବିଲା ଲାଗି ନିରନ୍ତର ଯୋଜନା, କାର୍ଯ୍ୟାନ୍ୱୟନ, ନୀତି ନିର୍ଦ୍ଧାରଣରେ କେଉଁଠି ନା କେଉଁଠି ସରକାର ପଛରେ ପଡ଼ିଯାଇଛନ୍ତି। ସରକାରୀ ଆନ୍ତରିକତା କାଗଜପତ୍ରରେ ଅଧିକ ପ୍ରକଟିତ ହେଉଛି।

ବନ୍ୟାର ପ୍ରଭାବ ରାଜ୍ୟ ଅର୍ଥନୀତିକୁ ଆକ୍ରାମାକ୍ରା କରିବାର ସାମର୍ଥ୍ୟ ରଖିଛି। ଚଳିତବର୍ଷ ଫସଲ କ୍ଷୟକ୍ଷତି କାରଣରୁ ରାଜ୍ୟର ଅଭିବୃଦ୍ଧି ହାର ପ୍ରଭାବିତ ହୋଇପାରେ। ରାଜ୍ୟର ଆଉ କିଛି ପରିବାର ସମସ୍ତଙ୍କ ନଜର ଆଢୁଆଳରେ ଦାରିଦ୍ର୍ୟ ସୀମାରେଖା ପଛକୁ ଚାଲିଗଲେ। ହଁ, ବନ୍ୟାକୁ 'ପ୍ରକୃତିର କ୍ରୋଧ' ବୋଲି କହି ଆମେ ଦାୟିତ୍ୱ ସାରିପାରିବା ନାହିଁ। ଆମକୁ ସ୍ୱୀକାର କରିବାକୁ ହେବ ଯେ ଏହା ହେଉଛି ଅନିୟମିତ ବର୍ଷା ପାଇଁ ପୂର୍ବ ପ୍ରସ୍ତୁତି ଓ ଯୋଜନାର ଅଭାବ, ନଦୀରେ ପଟୁମାଟି ଜମିବା, ଅବ୍ୟବସ୍ଥିତ ନଗରୀକରଣର ପରିଣାମ।

ଉଦ୍‌ବେଗର ସହିତ କହିବାକୁ ପଡୁଛି, ଆଜି ବି ଓଡ଼ିଶାର ସିଂହଭାଗ ଲୋକ ପ୍ରତିନିଧି ନିଜୱାର୍ଡ, ପଞ୍ଚାୟତ, ବ୍ଲକ୍, ବିଧାନସଭା ନିର୍ବାଚନମଣ୍ଡଳୀ କିମ୍ବା ସଂସଦୀୟ କ୍ଷେତ୍ରର ଜଳବାୟୁ ପରିବର୍ତ୍ତନର ପ୍ରଭାବ ସଂକ୍ରାନ୍ତ ଗୋଟିଏ ନକ୍ସା ପ୍ରସ୍ତୁତ କରି ତା'ର ନିଦାନ ପାଇଁ ପଞ୍ଚାୟତ, ବ୍ଲକ୍ ?, ଜିଲ୍ଲା ଯୋଜନା ବୈଠକ, ବିଧାନସଭା ବା ସଂସଦର ପଟଳ ଉପରେ ରଖିନାହାନ୍ତି। ସେମାନଙ୍କ ଅଞ୍ଚଳର କେତେ ଲୋକ ଫି' ବର୍ଷ ବନ୍ୟାରେ ପ୍ରଭାବିତ ହେଉଛନ୍ତି, ସେ ସଂକ୍ରାନ୍ତ ଠୋସ୍ ପରିସଂଖ୍ୟାନ ନା ସରପଞ୍ଚଙ୍କ ପାଖେ ଅଛି ନା ବିଧାୟକ ଅଥବା ସାଂସଦ ରଖିଛନ୍ତି। ଅଥଚ କୌଣସି ବି ନିର୍ବାଚନ ବେଳେ ସଂପୃକ୍ତ ଅଞ୍ଚଳ ପାଇଁ ଗୋଲାପି ନକ୍ସା ଆଙ୍କିବାକୁ ସେମାନେ ଭୁଲନ୍ତି ନାହିଁ।

ଏ ଭିତରେ ଯେଉଁ ମୌଳିକ ପ୍ରଶ୍ନର ଉତ୍ତର ଅପେକ୍ଷା ରହୁଛି, ତାହା ହେଲା- ଗୋଟିଏ ବିକଶିତ ରାଜ୍ୟ ଗଠନ ପ୍ରକ୍ରିୟାରେ ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ଶିଳ୍ପାୟନ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ହେଲେ ଯେଉଁ ପରିବେଶରେ ଏ ସମାଜର ପରପିଢ଼ି ବଞ୍ଚିବେ, ତାହା ସୁରକ୍ଷିତ ରହିବା ଆବଶ୍ୟକ- ଏକଥା କେହି ଭୁଲିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ ସହିତ ଅନିୟମିତ ମୌସୁମୀ ଆମ ଆଗରେ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। କିଛି ବର୍ଷ ତଳର ବାଦଲଫଟା ବର୍ଷା କାରଣରୁ ବଲାଙ୍ଗୀର ଓ ବାରିପଦା ସହରରେ କିଭଳି ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହେଲା, ତାହା ଆଜି ବି ମାନସପଟରେ ଉଜ୍ଜୀବିତ ରହିଛି। ଦଶନ୍ଧି ତଳର ଏ ଘଟଣାର ଯେ ଆଉ ପୁନରାବୃତ୍ତି ହେବ ନାହିଁ, ଏ ଗ୍ୟାରେଣ୍ଟି ସରକାର ଦେଇପାରିବେ କି ?

ନ୍ୟାସନାଲ୍ ଗ୍ରିନ୍ ଟ୍ରିବ୍ୟୁନାଲ ଏହି ପ୍ରକଳ୍ପକୁ ଅନୁମତି ଦେଇଛନ୍ତି କି ? ନଦୀରେ ବେଧଡ଼କ ବାଲି ଖନନ ଚାଲିଛି। କେଉଁଠୁ ବାଲି ଉଠିବ, ସେ ସ୍ଥାନଟି କିଏ କେମିତି ନିରୂପଣ କଲେ ? ବୈଷୟିକ ରିପୋର୍ଟ କେଉଁ ସଂସ୍ଥା ପ୍ରସ୍ତୁତ କରିଛନ୍ତି ? ଏଥିପାଇଁ ରାଜସ୍ୱ ମନ୍ତ୍ରୀ କାହାକୁ ଦାୟୀ କରିବେ ? ବୈତରଣୀ ନଦୀ ଉପରେ ପ୍ରସ୍ତାବିତ ଉଦୟପୁର ପ୍ରକଳ୍ପର ପ୍ରାରମ୍ଭିକ ସର୍ଭେ ଶେଷ ପରେ ସରକାର ଚୁପ୍ ବସିଗଲେ କାହିଁକି ? ବନ୍ୟା ମୁକାବିଲା ଦିଗରେ ସରକାରୀ ଉଦାସୀନତାର ଏ ତାଲିକା ଏମିତି ଲମ୍ବିଥିବ। ଏସବୁ ଉପରେ ଠୋସ୍ ପଦକ୍ଷେପ ନିଆ ନଯିବା ପର୍ଯ୍ୟନ୍ତ ବନ୍ୟା ଯନ୍ତ୍ରଣାରୁ ନିସ୍ତାର ନାହିଁ। ଜଳ ଓ ବାୟୁର ଭବିଷ୍ୟତ ଓ ଅସ୍ତିତ୍ୱଯେବେ ବିପଦରେ, ସେବେ ନୂଆ ଓଡ଼ିଶା ଗଠନର ସ୍ୱପ୍ନ କେବଳ ଗୋଟିଏ ପ୍ରହସନ ହୋଇପାରେ।

# ଓଡ଼ିଆ ଭାଷା ସାହିତ୍ୟରେ ଶିଶୁ ସାହିତ୍ୟର ସ୍ଥିତି

ଓଡ଼ିଆ ଭାଷା ପୁରାତନ ଭାଷା। ସଂପ୍ରତି ଏହା ଜାତୀୟ ସ୍ତରରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି ଏବଂ ଅନ୍ୟ ଭାଷାମାନଙ୍କ ତୁଳନାରେ ଏହା ଏକ ପ୍ରମୁଖ ଭାଷା ରୂପେ ସ୍ୱୀକୃତି ଲାଭ କରିଛି । ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସଙ୍କ ଠାରୁ ଏହାର ଆରମ୍ଭ ବୋଲି କୁହାଯାଏ । ମାନବ ସମାଜକୁ ସୁସ୍ଥ ସୁନ୍ଦର କରିବା ପାଇଁ ପ୍ରଥମେ ବେଦ ରଚନା କରାଗଲା । ବେଦ କିନ୍ତୁ ବୋଧଗମ୍ୟ ନହେବାରୁ ମୁନିଋଷିମାନେ ବିଭିନ୍ନ ପୁରାଣ ରଚନା କଲେ । ଉପେନ୍ଦ୍ର ଭଞ୍ଜଙ୍କ ସମୟକୁ ଓଡ଼ିଆରେ ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ଓ ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ ରଚନା ହୋଇସାରିଥାଏ। ପ୍ରଥମେ ଓଡ଼ିଆ ଭାଷାରେ ମୌଖିକ ସୃଷ୍ଟି ଏବଂ ପରେ ଏହାର ଲିପି ସୃଷ୍ଟି ହୋଇଛି । ତଥାପି କିଛି କିଛି ବଂଗୀୟ ଲୋକ କୁହନ୍ତି 'ଓଡ଼ିଆ ଏକଟି ସ୍ୱତନ୍ତ୍ର ଭାଷା ନୟେ'। ଏହାର ସୃଷ୍ଟି ବଂଗୀୟ ଭାଷାର ବହୁ ପରେ ହୋଇଛି । ବନ୍ଧୁ ଜଣେ ଓଡ଼ିଆ ଭାଷା ଦୀର୍ଘ ପାଞ୍ଚଶହ ବର୍ଷ ଧରି ବହୁ ପରୀକ୍ଷା ନିରୀକ୍ଷା ଦେଇ ଗତି କରିଛି । ସାହିତ୍ୟର ସୃଷ୍ଟି ହୁଏ ସମାଜର ହିତ ସାଧନ ପାଇଁ। ଏଣୁ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ପାଇଁ ସବୁସ୍ତରର ଲୋକମାନଙ୍କର ଚିନ୍ତା କରିବାର ସମୟ ଆସିଛି । ଏଣୁ ସାହିତ୍ୟର ବିଭିନ୍ନ ବିଭାଗର ଉନ୍ନତି ପାଇଁ ଅହରହ ଉଦ୍ୟମ ଚାଲିଛି । ତନ୍ମଧ୍ୟରୁ ଶିଶୁ ସାହିତ୍ୟର ଉନ୍ନତି ପାଇଁ ଚିନ୍ତା କରିବାର ସମୟ ଆସିଛି ।

ପନ୍ଦର ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଶିଶୁ ସାହିତ୍ୟ କୁହୁକ କରିଥାଏ । ପରିବ୍ୟାପ୍ତ ସାହିତ୍ୟ ଜଗତରେ ଶିଶୁ ସାହିତ୍ୟ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ହେବା ପରେ ଏହି ପିଲାମାନଙ୍କ ପାଇଁ ଅତି ମାତ୍ରାରେ ଉତ୍ସାହଜନକ ପ୍ରମାଣିତ ହୋଇଛି । ନୂଆକରି ଯେଉଁ ପିଲାମାନେ ଶିଶୁ ସାହିତ୍ୟ ଜଗତକୁ ପ୍ରବେଶ କରନ୍ତି ସାଧାରଣତଃ ସେମାନେ ମୌଖିକ ଶିଶୁ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇ ଆସିଥାନ୍ତି । ସେମାନଙ୍କ ମନରେ ଏକ ବିଶ୍ୱାସ ଥାଏ ଯେ ଶିଶୁ ସାହିତ୍ୟ ପାଠକଲେ କିଛି ଶିଖିବେ ଜାଣିବେ ଓ ଭବିଷ୍ୟତରେ ବଡ଼ମଣିଷ ହେବେ। ଏତଦ୍‌ବ୍ୟତୀତ ଭଲ କାମ କରିବା ପାଇଁ ସେମାନେ ମଧ୍ୟ ଯୋଗ୍ୟତା ହାସଲ କରିପାରିବେ। ଶିଶୁ ସାହିତ୍ୟର ସାମଗ୍ରୀକ ଲକ୍ଷ୍ୟ ବା ଉଦ୍ଦେଶ୍ୟକୁ ବିଚାର କଲେ ପିଲାମାନଙ୍କର ଏପରି ଚିନ୍ତା ଓ ବିଶ୍ୱାସକୁ ଆଦୌ ଭୁଲ୍ ବୋଲି କହିହେବ ନାହିଁ। ତେଣୁ ତୁଣ୍ଡରୁ ତୁଣ୍ଡକୁ ଗଡ଼ିଆସୁଥିବା ଶିଶୁ ମାନସଧର୍ମୀଙ୍କ ବହୁ ଲୋକଗୀତ ଓ ଲୋକ କଥା ଶିଶୁ ସାହିତ୍ୟର ପ୍ରାକ୍ ସ୍ୱରୂପ । ଏହାକୁ ମୌଖିକ ଶିଶୁ ସାହିତ୍ୟ କୁହାଯାଏ । ସେଥିମଧ୍ୟରୁ କେତେକ କାହାଣୀ କବିତା ଓ କେତେକ ପୁରାଣ ଶାସ୍ତ୍ରରୁ ସଂଗୃହୀତ। ପିଲାମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରକାର ରଚନାର ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍ ଓ ଶିଶୁ ମନୋବିଜ୍ଞାନବିତ୍ ବୃନ୍ଦ ଅନୁଭବ କଲେ । ତେଣୁ ସାହିତ୍ୟ ଜଗତରେ ଏକ ନୂତନ ଦିଗ ଉନ୍ମୋଚିତ ହେଲା। ଏହି ନବୋନ୍ମୋଚିତ ଦିଗଟି ହେଲା- ପିଲାଙ୍କ ସାହିତ୍ୟ- ବଡ଼ ସାହିତ୍ୟ- ଶିଶୁ ସାହିତ୍ୟ । ଓଡ଼ିଆରେ କିନ୍ତୁ ଏହି ଶିଶୁସାହିତ୍ୟ ପରିଭାଷାଟି ବେଶ୍ ପ୍ରଚଳିତ ।

ଓଡ଼ିଶା ସରକାରଙ୍କର ତରଫରୁ 'ଶିଶୁ ସାହିତ୍ୟ ସମିତି' ୧୯୫୭ ମସିହାରେ ସ୍ଥାପିତ ହୋଇଥିଲା । ଏହି ସଂସ୍ଥା ତରଫରୁ 'ଶିଶୁ ସାହିତ୍ୟ ପରିଚୟ ପୁସ୍ତକ ପ୍ରକାଶ ପାଇଥିଲା। 'ଶିଶୁଲେଖା' ନାମରେ ଏକ ଶିଶୁ ସାହିତ୍ୟ ପତ୍ରିକା ମଧ୍ୟ ପ୍ରକାଶ ପାଇଲା । ପ୍ରଥମେ ଏହା ତ୍ରୈମାସିକ ଓ ପରେ ମାସିକ ଭାବେ ପ୍ରକାଶ ପାଇଲା। କୌଣସି କାରଣ ଯୋଗୁ ଏହା ଦୀର୍ଘଦିନ ଧରି ବନ୍ଦ ହେଲା। ଏବେ ତା'ର ପୁନଃପ୍ରକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଛି। ଏଥିସହିତ ଶିଶୁ ସାହିତ୍ୟର ବିକାଶ ପାଇଁ ଏବଂ ଶିଶୁ ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବା ପାଇଁ ବ୍ୟକ୍ତିଗତ ଓ ସାଧାରଣ ଅନୁଷ୍ଠାନ କେତୋଟିର ଅବଦାନ ମଧ୍ୟ ଭୁଲିବାର ନୁହେଁ । ୧୯୯୨ ମସିହାରେ ସୁପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଓ ଶିକ୍ଷାବିତ୍ ଡକ୍ଟର ଜଗନ୍ନାଥ ମହାନ୍ତିଙ୍କ ବ୍ୟକ୍ତିଗତ ଉଦ୍ୟମରେ 'ମାଣିକ ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ' ପ୍ରତିଷ୍ଠା କଲେ। ଶିଶୁ ସାହିତ୍ୟିକମାନଙ୍କୁ ପୁରସ୍କାର ଏବଂ ସମ୍ବର୍ଦ୍ଧନା ସହିତ ପୁସ୍ତକ ପ୍ରକାଶନ, ସ୍ମରଣିକା ପ୍ରକାଶନ ଓ ଶିଶୁ ପ୍ରଦର୍ଶନୀ ଆଲୋଚନାଚକ୍ର ମାଧ୍ୟମରେ ଓଡ଼ିଶାରେ ଶିଶୁ ସାହିତ୍ୟର କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାର ସାହାଯ୍ୟ କଲା। ଏହି ଲେଖକଟି ମଧ୍ୟ ସେହି ସଂସ୍ଥାରେ ଜଡ଼ିତ ହୋଇ ତାହାର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଥିଲା । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ 'ଚଣ୍ଡିଖୋଲ'ଠାରେ ଗଠିତ ହୋଇଥିବା 'ନିଖିଳ ଉତ୍କଳ ଶିଶୁ ମେଳା ସମିତି'ର ଭୂମିକା ମଧ୍ୟ କିଛି କମ୍ ନୁହେଁ। ପିଲାମାନେ ନିଜେ କିପରି ରଚନା କରି ପାରିବେ ସେଥିପ୍ରତି ଏଥିରେ ଅଧିକ ଦୃଷ୍ଟି ପ୍ରଦାନ କରାଗଲା । ଏ ଦିଗରେ ବୟୋବୃଦ୍ଧ, ଶିଶୁ-ସାହିତ୍ୟିକ ଓ ଆକାଶବାଣୀ କଟକ କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ନଦୀୟା ବିହାରୀଙ୍କ ନେତୃତ୍ୱରେ 'ଧ୍ରୁବତାରା'ର ନିୟମିତ ଭ୍ରାମ୍ୟମାଣ କାର୍ଯ୍ୟକ୍ରମ ଓଡ଼ିଶାରେ ଶିଶୁ ସାହିତ୍ୟର ମର୍ଯ୍ୟାଦା ବୃଦ୍ଧି ଦିଗରେ ସହାୟକ ହୋଇଛି। ପରବର୍ତ୍ତୀ କାଳରେ ଶିଶୁ ସାହିତ୍ୟର ଗବେଷକ ଡଃ କୃତ୍ତିବାସ ନାୟକ 'ଅଭୁଲା ତରୁଣ' ନାମରେ (କେନ୍ଦୁଝର-ରାଉରକେଲା) ଏକ ଭ୍ରାମ୍ୟମାଣ ଶିଶୁ ସାହିତ୍ୟ ସଂସ୍ଥା ଗଠନ କଲେ। ସେହିପରି ଗଂଜାମ ଜିଲ୍ଲାର ହିଂଜିଳିକାଟୁରେ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସମ୍ପାଦନାରେ 'ଋଷିକୁଲ୍ୟା ରେଣୁ' ନାମରେ ଏକ ଭ୍ରାମ୍ୟମାଣ ଶିଶୁ ସାହିତ୍ୟ ସଂସ୍ଥା ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଲେ।

ଓଡ଼ିଶାର ଅଭିଭାବକମାନେ ଅଧିକାଂଶ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ । ଯେତିକି ଶିକ୍ଷିତ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ବହି ପଢ଼ିବାର ଅଭ୍ୟାସ ନାହିଁ। ଏହି ପଢ଼ିବା ସଂସ୍କୃତି ନଥିବାରୁ ସେମାନଙ୍କର ବହି ପଢ଼ିବାର ଅଭ୍ୟାସ ନଥାଏ । ଏଣୁ ସେମାନେ ବହି ପଢ଼ିବା ପାଇଁ ପିଲାମାନଙ୍କୁ କିପରି ବା ଉତ୍ସାହ ଦେବେ ? ତାଙ୍କର ବ୍ୟକ୍ତିଗତ ପାଠାଗାର ନାହିଁ ପିଲାଟି କାହାକୁ ଦେଖି ବହି ପଢ଼ିବାକୁ ଇଚ୍ଛା କରିବ । ବହିପଢ଼ା ଅଭ୍ୟାସକୁ ନିରନ୍ତର ଜାରି ରଖିବା ଉଚିତ୍। ଜନ୍ମଦିନରେ ଶହ ଶହ ଟଙ୍କା ଅନ୍ୟବାଟରେ ଖର୍ଚ୍ଚ ହେଉ ପଛେ, ସେହି ଖର୍ଚ୍ଚରୁ ବହି ଖଣ୍ଡେ କିଣି ଉପହାର ଦେବେନାହିଁ । ଏହି 'ପୁସ୍ତକ ଉପହାର' ପରମ୍ପରା ଆମ ଓଡ଼ିଶାରେ ସୃଷ୍ଟି ହୋଇପାରି ନାହିଁ । ତେଣୁ ପିଲାମାନଙ୍କ ମନଭିତରେ ବହି ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହୋଇପାରିନାହିଁ । ଏସବୁ କରିବାକୁ ହେଲେ ସଂପ୍ରତି ଗ୍ରାମପଞ୍ଚାୟତର ସ୍କୁଲମାନଙ୍କରେ ଶିଶୁମାନଙ୍କ ଲାଗି 'ଶିଶୁ ପାଠାଗାର' ସ୍ଥାପନ କରାଯିବା ଉଚିତ୍ ଏବଂ ଏଥିପାଇଁ ସରକାର ପ୍ରୋତ୍ସାହନ ଯୋଗାଇଦେବା ଉଚିତ୍ । ବିନା ସରକାରୀ ପ୍ରୋତ୍ସାହନରେ ଏସବୁ ହେବା ସମ୍ଭବ ନୁହେଁ । ଶିଶୁମାନଙ୍କ ପାଇଁ ସ୍କୁଲମାନଙ୍କରେ ପୁସ୍ତକ ପ୍ରଦର୍ଶନୀ ହେବା ଉଚିତ୍ । ପିଲାମାନେ ସେମାନଙ୍କର ଅଭିଭାବକମାନଙ୍କ ସହ ଏହି ପୁସ୍ତକ ପ୍ରଦର୍ଶନୀକୁ ଯାଇ ସେମାନଙ୍କର ପିଲାମାନଙ୍କ ପାଇଁ ଉପଯୁକ୍ତ ପୁସ୍ତକ ରିହାତି ଦରରେ କିଣିପାରିବେ । ଏହାଦ୍ୱାରା ପଠନ ଅଭ୍ୟାସ ବଢ଼ିବ ଏବଂ ସାହିତ୍ୟର ଉନ୍ନତି ଘଟିବ ।

'ଶିଶୁ ସାହିତ୍ୟ' ବଂଚିରହିବା ବଡ଼କଥା ନୁହେଁ ଏହା କେତେମାତ୍ରାରେ ପିଲାମାନଙ୍କର ସମସ୍ୟା ଦୂର କରି ସେମାନଙ୍କୁ ମଣିଷ କରି ଗଢ଼ିପାରିବ ? ଶିଶୁ ସାହିତ୍ୟର ପାଠକ ହେବାର ସୌଭାଗ୍ୟରୁ ଆଜି କେହି ବଂଚିତ ନୁହନ୍ତି। ଶିଶୁ ସାହିତ୍ୟ ସମସ୍ତଙ୍କୁ ଆପଣାର କରିପାରିଛି । ସମସ୍ତଙ୍କ ହୃଦୟକୁ ଜିଣିପାରିଛି। ଶିଶୁ ସାହିତ୍ୟ କ୍ଷେତ୍ରରେ ଯେଉଁମାନେ ଅବିରତ ଲେଖନୀ ଚଳାଇଛନ୍ତି ସେମାନେ ଏକ ବୃହତ୍ତର ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟ କରୁଛନ୍ତି । ଶିଶୁ ସେହିପରି ଉନ୍ନତ ହେଲେ ଆମ ଶିଶୁସମାଜ ଏବଂ ରାଷ୍ଟ୍ରର ଉନ୍ନତି ହୋଇପାରିବ । 'ଶିଶୁ ସାହିତ୍ୟ'ର ଲେଖକମାନଙ୍କର ମର୍ଯ୍ୟାଦା ମଧ୍ୟ ବୃଦ୍ଧି ପାଇବ। ଶିଶୁ, ସମାଜ, ଦେଶ ଓ ଜାତିର ଭଲ ପାଇଁ ଶିଶୁ ସାହିତ୍ୟର ଶ୍ରୀବୃଦ୍ଧି ଓ ସମୃଦ୍ଧି ଆମର ଏକମାତ୍ର କାମ୍ୟ ହେଉ । କାରଣ ଶିଶୁମାନେ ହିଁ ଏହି ଦେଶର ଭବିଷ୍ୟତ। ଏଣୁ ତାଙ୍କ ପାଇଁ ଉପଯୁକ୍ତ 'ଶିଶୁ ସାହିତ୍ୟ'ର ରଚନା ଅପରିହାର୍ଯ୍ୟ ହୋଇପଡ଼ିଛି ।

# କର୍ତ୍ତବ୍ୟ ବନାମ ଅଧିକାର

ଜାତୀୟତାଭାବର ମୂଲ୍ୟ ସର୍ବଦା ଉର୍ଦ୍ଧ୍ୱରେ। ଜାତୀୟତା ଭାବ ଆଗରେ ଜାତି, ଧର୍ମ, ବର୍ଣ୍ଣ ଭଳି ସଂକୀର୍ଣ୍ଣତାର କୌଣସି ସ୍ଥାନ ନାହିଁ। ସ୍ୱାଧୀନ ଭାରତକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଆମ ପୂର୍ବ ସୂରୀମାନଙ୍କୁ ଅସୀମ ତ୍ୟାଗ ସ୍ୱୀକାର କରିବାକୁ ପଡିଛି, ଏପରିକି ଆତ୍ମବଳି ଦେବାକୁ ମଧ୍ୟ ପଡିଛି ଏଥିରେ ଦ୍ୱିମତ ନାହିଁ। କର ବା ମର ଧ୍ୱନିରେ ସମଗ୍ର ଭାରତବର୍ଷର ଲୋକମାନେ ଯେତେବେଳେ ଏକଜୁଟ ହୋଇ ପ୍ରବଳ ପରାକ୍ରମୀ ଇଂରେଜ ସରକାର ବିରୁଦ୍ଧରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ସତ୍ୟ ଓ ହିଂସା ନୀତିକୁ ପାଥେୟ କରି ଆନ୍ଦୋଳନ ଡାକରା ଦେଲେ ଶେଷରେ ଅସ୍ତ୍ରର ପରାଜୟ ହେଲା ଓ ନିରସ୍ତ୍ରର ଜୟ ହେଲା। ଆନନ୍ଦ ଉଲ୍ଲାସ ମଧ୍ୟରେ ସ୍ୱାଧୀନତାର ସୂର୍ଯ୍ୟ ଭାରତବର୍ଷରେ ଉଦୟ ହେଲା।

ସ୍ୱାଧୀନତାର ଏକସ୍ତରି ବର୍ଷ ପରେ ମଧ୍ୟ ସଂକୀର୍ଣ୍ଣତା ମନୋଭାବ ଆଜିବି ଆମ ଭିତରେ ଲୁକ୍କାୟିତ ହୋଇ ବସା ବାନ୍ଧିଛି। ବିଚ୍ଛିନ୍ନତାବାଦୀ ଶକ୍ତିର ଅଭ୍ୟୁଦୟ ଘଟିଛି। ସାଂପ୍ରଦାୟିକ ଭେଦଭାବ, ଉଚ୍ଚ ନୀଚ ପ୍ରଭେଦ, ଛୁଆଁ ଅଛୁଆଁ ଚିନ୍ତାଧାରା ଆମ ଭିତରେ ଉଙ୍କି ମାରୁଛି। ନିଜର ହୀନମନ୍ୟତାକୁ ଚରିତାର୍ଥ କରିବା ପାଇଁ ପ୍ରତିହିଂସାପରାୟଣ ମନୋଭାବ ଆଜିବି ପ୍ରଶ୍ନବାଚୀ ସୃଷ୍ଟି କରୁଛି ଆମର ସତ୍ୟ ଓ ଅହିଂସା ଧର୍ମକୁ, ଆମର ନୀତି ଓ ଆଦର୍ଶକୁ ଓ ଆମ ମାନବିକତାକୁ। ସତ୍ୟ ଓ ଅହିଂସା ଆଦର୍ଶରେ ସମଗ୍ର ବିଶ୍ୱକୁ ପଥ ପ୍ରଦର୍ଶକ ଦେଖାଉଥିବା ଭାରତବର୍ଷରେ ଘଟି ଚାଲିଛି ଲୋମହର୍ଷଣକାରୀ କାଣ୍ଡ, ଆତଙ୍କବାଦୀଙ୍କ ତାଣ୍ଡବଲୀଳା, ଗଣ ଦୁଷ୍କର୍ମ, ସାମାଜିକ ବାସନ୍ଦ, ଅତ୍ୟାଚାର ଓ ବଢିଚାଲିଛି ବ୍ୟଭିଚାର। ପ୍ରକୃତରେ ଭାରତ ଭଳି ମହାନ ଦେଶର ନାଗରିକ ବୋଲି ପରିଚୟ ଦେବା ପୂର୍ବରୁ ଆମେ ନିଜେ ନିଜକୁ ପ୍ରଶ୍ନ ପଚାରିବାର ସମୟ ଆସିଛି। ଆମେ ଦେଶ ପ୍ରତି ଆମର କର୍ତ୍ତବ୍ୟ ସଂପାଦନ କରୁଛୁ ତ ? ଜାତୀୟ ସଂହତିର ଅର୍ଥ ବୁଝୁଛୁ ନା ବୁଝି କରି ଅବୁଝା ରହୁଛୁ? ସହନଶୀଳତା, ଅହିଂସା, ଦେଶପ୍ରେମ ଭାବ ଆମ ଭିତରେ ଦୃଷ୍ଟାନ୍ତମୂଳକ ଭାବେ ଦେଖିବା ଆଜିକାଲି ବିରଳ।

ଶିକ୍ଷାର ବିକାଶରେ ଦେଶର ବିକାଶ ହୁଏ। ମାତ୍ର ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହେଉଛି। କ୍ଷୋଭର ବିଷୟ ଶିକ୍ଷା ହାର ବୃଦ୍ଧି ହେବା ସହିତ ଦିନକୁ ଦିନ ଆମେ ବଞ୍ଚିବା ଓ ଅନ୍ୟକୁ ବଞ୍ଚିବାର ସୁବିଧା ଦେବା ନୀତିରୁ ଆମେ ନିଜେ ନିଜକୁ ଦୂରେଇ ଦେଉଛୁ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ। ଆଜିର କମ୍ପ୍ୟୁଟର ଓ ଉଦାରୀକରଣ ଯୁଗରେ ପାଠପଢି, ଚାକିରି ଖଣ୍ଡେ କରି ନିଜର ତଥା ନିଜ ପରିବାର ଛଡା ଅନ୍ୟ କଥା ଚିନ୍ତା କରିବାକୁ ଆମର ତିଳେ ମାତ୍ର ଆଗ୍ରହ ନାହିଁ। ଏ ପରିପ୍ରେକ୍ଷୀରେ ଉତ୍କଳ ଗୌରବ ମଧୁସୂଦନଙ୍କର ମର୍ମସ୍ପର୍ଶୀ ବାଣୀ ମନେପଡେ-'ଯେଉଁ ମଣିଷ ନିଜ ବିଷୟରେ ତଥା ନିଜ ପରିବାର ବିଷୟରେ ସର୍ବଦା ଚିନ୍ତା କରେ ତାର ଜୀବନଟି ଠିକ୍ ପଶୁପରି। ପଶୁର ଆଚରଣ ମଧ୍ୟ ଠିକ୍ ସେହିପରି। ତେଣୁ ସମାଜ ପାଇଁ, ଦେଶ ମାତୃକାର ସେବା ପାଇଁ ଯଦି ଆମେ କିଛି କରିପାରିଲେ, ସେ ହିଁ ପ୍ରକୃତ ମଣିଷ ପଦବାଚ୍ୟ ପାଇଁ ଯୋଗ୍ୟ। ମାନବିକ ଅଧିକାର ଉଲ୍ଲଂଘନ ହେଲେ କେତେ ପ୍ରତିକ୍ରିୟା ଓ ବିରୋଧାଚରଣ ଦେଖୁଛେ ରାଜରାସ୍ତାରେ, ମାତ୍ର ନିଜର କର୍ତ୍ତବ୍ୟ କଥା ଟିକିଏ ଚିନ୍ତା କରିବାକୁ ଆମକୁ ସମୟ ନାହିଁ। କଥାରେ ଅଛି- 'ଡେଇଁ ଶୋଇବ ଯିଏ ତାକୁ ଉଠାଇବ କିଏ'। ଅନ୍ୟ ଦେଶଠାରୁ ଶିଖିବାର ସମୟ ଆସିଛି। ସମାଜର ମଙ୍ଗଳ ପାଇଁ, ଦେଶର ମଙ୍ଗଳ ପାଇଁ ସଂକୀର୍ଣ୍ଣତା ମନୋଭାବ ପରିହାର କରି ପ୍ରତ୍ୟେକ ନାଗରିକ ମନରେ ତଥା ପ୍ରାଣରେ ସେବା ମନୋଭାବ ଜାଗ୍ରତ ହେବା ଅପରିହାର୍ଯ୍ୟ ହୋଇପଡିଛି। ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରସଙ୍ଗ କ୍ରମେ କହିଥିଲେ ଅଧିକାର ଜନ୍ମ ନେଇଛି କର୍ତ୍ତବ୍ୟରୁ ଆମେ ଯଦି କର୍ତ୍ତବ୍ୟ ନକରି କେବଳ ଅଧିକାର ପଛରେ ଧାଇଁବା, ତାହେଲେ ସେହି ଅଧିକାର ମଧ୍ୟ ମରୀଚିକା କରି ଉଭେଇଯିବ। ଆମେ ଯେତେ ତା ପଛରେ ଗୋଡାଇବା, ତାହା ସେତେ ଆମ ପାଖରୁ ଦୂରେଇଯିବ। ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଜରୁରୀ। ଯେତେବେଳେ ରାଷ୍ଟ୍ର ହୃଦୟଙ୍ଗମ କଲା ନାଗରିକମାନେ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାକୁ ଆଗଭର ନୁହଁନ୍ତି ବା ଆଗ୍ରହ ପ୍ରକାଶ କରୁନାହାଁନ୍ତି ସେତେବେଳେ ବାଧ୍ୟ ହୋଇ ସଂଶୋଧନ ମାଧ୍ୟମରେ ସଂବିଧାନରେ ସ୍ଥାନ ଦେଲା ଓ ନାଗରିକର କର୍ତ୍ତବ୍ୟ କଣ ସୂଚାଇଦେଲା। ଫଳସ୍ୱରୂପ, ନାଗରିକଙ୍କୁ ତାଙ୍କର କର୍ତ୍ତବ୍ୟ ବିଷୟରେ ଅବଗତ କରିବା ପାଇଁ ଏବଂ ସୁନ୍ଦର ରାଷ୍ଟ୍ର ନିର୍ମାଣ କରିବା ପାଇଁ ଭାରତୀୟ ସଂବିଧାନର ୪୨ତମ ସଂଶୋଧନ ଦଶଟି ଓ ୮୬ତମ ସଂବିଧାନ ସଂଶୋଧନରେ ଗୋଟିଏ ମୌଳିକ କର୍ତ୍ତବ୍ୟକୁ ସାମିଲ କରାଗଲା, ଯାହାକି ସମ୍ବିଧାନର ୫୧ (କ) ଧାରାରେ ବର୍ଣ୍ଣିତ।

ସମସ୍ତେ ଜାଣି ରଖିବା ଉଚିତ ଆମେ ଯେମିତି ରାଷ୍ଟ୍ର ବା ଦେଶଠାରୁ ଅଧିକାର ଦାବି କରୁ ଠିକ୍ ସେହିପରି ରାଷ୍ଟ୍ର ବ୍ୟକ୍ତିଠାରୁ କର୍ତ୍ତବ୍ୟ ଆଶା କରେ। ଅଧିକାର ଓ କର୍ତ୍ତବ୍ୟ ପରସ୍ପର ପରିପୂରକ। ପ୍ରତ୍ୟେକ ନାଗରିକର ସାମାଜିକ କର୍ତ୍ତବ୍ୟ ଅର୍ଥନୈତିକ କର୍ତ୍ତବ୍ୟ, ନୈତିକ କର୍ତ୍ତବ୍ୟ ଓ ଆଇନଗତ କର୍ତ୍ତବ୍ୟ ରହିଛି। ମାତ୍ର କୌଣସି ବ୍ୟକ୍ତି ଯଦି ସଂବିଧାନର ଧାରା ୫୧(କ) ବ୍ୟବସ୍ଥା ଅନୁସାରେ କର୍ତ୍ତବ୍ୟ ପାଳନ ନ କରେ ତା ବିରୋଧରେ କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ନାହିଁ ବା କୌଣସି ଅଦାଲତ ଦ୍ୱାରା ସେ ଦଣ୍ଡନୀୟ ହୋଇପାରିବ ନାହିଁ। ସଂବିଧାନ ପ୍ରଣୟନର ଅନ୍ୟତମ ସଦସ୍ୟ ବସିରୁଦ୍ଦିନଙ୍କ ମତରେ ଏହି ନିର୍ଦ୍ଦେଶକ ନୀତିଗୁଡିକ ନବବର୍ଷର ଶପଥପରି, ଯାହାକି ତା'ପରଦିନ ଭାଙ୍ଗିଯାଏ। କେ.ସି. ହୋଏରଙ୍କ ମତରେ ଏହି ନୀତିଗୁଡିକ କେବଳ ଲକ୍ଷ୍ୟ ଓ ଆକାଂକ୍ଷାର ପରିପ୍ରକାଶ ମାତ୍ର। ଏ ମୂଲ୍ୟବାନ ଉକ୍ତିର ଯଥାର୍ଥତା ବା ବାସ୍ତବତା କାହୁକୁ ଅଛପା ନାହିଁ।

ଯାହାହେଉ ନା କାହିଁକି ରାଷ୍ଟ୍ର ମୋର ଓ ମୁଁ ରାଷ୍ଟ୍ରର- ଏ ଉକ୍ତିଟି ପ୍ରତ୍ୟେକ ନାଗରିକ ହୃଦୟଙ୍ଗମ କରିବା ଦରକାର। ଆମର କାର୍ଯ୍ୟଶୈଳୀ ଓ କାର୍ଯ୍ୟଧାରା ଏମିତି ହେବା କଥା ଯେପରି ନିଜର ମଙ୍ଗଳ ହେବା ସହିତ ରାଷ୍ଟ୍ରର ମଙ୍ଗଳ ହେବ। ସତ୍ୟ ପ୍ରତି ଅନୁଗ୍ରହ ରହିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ।

ମାନବ ସମାଜର ମଙ୍ଗଳ ପାଇଁ ସମସ୍ତେ ନିଜ ନିଜର ଲିଖିତ ଓ ଅଲିଖିତ କର୍ତ୍ତବ୍ୟ ପାଳନ କରିବା ଜରୁରୀ। କର୍ତ୍ତବ୍ୟ ପାଳନ ସମୟରେ ଗୋଟିଏ ବିଷୟରେ ଧ୍ୟାନଦେବା କଥା- ଯେପରି କର୍ତ୍ତବ୍ୟ ପାଳନ ଦ୍ୱାରା ଜଗତର ମଙ୍ଗଳ ହେବ। ସଂବିଧାନରେ ସ୍ଥାନ ପାଇଥିବା ମୌଳିକ କର୍ତ୍ତବ୍ୟ ଆମକୁ ସୂଚାଇଦିଏ ଯେ ମୌଳିକ ଅଧିକାର ଆମର ଯେପରି ରହିଛି ମୌଳିକ କର୍ତ୍ତବ୍ୟ ମଧ୍ୟ ସେହିପରି ରହିଛି। ମୌଳିକ କର୍ତ୍ତବ୍ୟ ଆମ ପରିବେଶ ପାଇଁ, ଆମ ଐତିହ୍ୟ ପାଇଁ, ଆମ ଶିକ୍ଷା ବ୍ୟବସ୍ଥା ପାଇଁ, ନାରୀମାନଙ୍କ ମର୍ଯ୍ୟାଦା ପାଇଁ ଓ ସାଧାରଣ ସଂପତ୍ତିର ରକ୍ଷା ପାଇଁ, ସର୍ବୋପରି ଦେଶର ଅଖଣ୍ଡ ସାର୍ବଭୌମତା ରକ୍ଷା ପାଇଁ। ତେଣୁ ନୀତି, ଔପଚାରିକତା ଓ ମୂଲ୍ୟବୋଧ ଦୃଷ୍ଟିରୁ କର୍ତ୍ତବ୍ୟ ପାଳନ କରି ସୁନାଗରିକର ପରିଚୟ ଦେବା ସମସ୍ତଙ୍କର ଗୁରୁଦାୟିତ୍ୱ। ଏକ ସୁନ୍ଦର ସରସ ରାଷ୍ଟ୍ର ଗଠନ ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଚାଲନ୍ତୁ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପାଳନ କରିବା ଏବଂ ଦେଶକୁ ପ୍ରଗତି ପଥରେ ଆଗେଇନେବା।

# ଭଜ ଗୋବିନ୍ଦମ୍

ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ବିରଚିତ ମୋହମୁଦ୍‌ଗର ସ୍ତୋତ୍ରଟି ଭଜ ଗୋବିନ୍ଦମ୍ ସ୍ତୋତ୍ର ନାମରେ ପରିଚିତ । ଏହା ଏକ କାଳଜୟୀ ସ୍ତୋତ୍ର । ବେଦ, ବେଦାନ୍ତ ଏବଂ ଗୀତାର ସାରତତ୍ତ୍ୱ ଏହି ସ୍ତୋତ୍ରରେ ନିହିତ ରହିଛି । ଏହି ସ୍ତୋତ୍ରରେ ରଚନା ସମ୍ବନ୍ଧରେ ସୁନ୍ଦର କଥାଟିଏ ପ୍ରଚଳିତ ଅଛି। କାଶୀରେ ଅବସ୍ଥାନ ସମୟରେ ଜଗଦଗୁରୁଶଙ୍କରାଚାର୍ଯ୍ୟ ପ୍ରାତଃକାଳରେ ଶିଷ୍ୟମାନଙ୍କ ସହିତ ସ୍ନାନାର୍ଥେ ଗଙ୍ଗାନଦୀକୁ ଯାଉଥିଲେ । ଏତିକିବେଳେ ସଂସ୍କୃତ ବ୍ୟାକରଣର ଧାତୁ ପାଠ ରଟନ ତାଙ୍କର ଶ୍ରୁତିଗୋଚର ହେଲା । ପାଖକୁ ଯାଇ ଦେଖନ୍ତି ତ ଜଣେ ବୃଦ୍ଧ ବ୍ରାହ୍ମଣ ଧାତୁ ପାଠ ରଟନ ଓ ସାଧନରେ ମଗ୍ନ ରହିଛନ୍ତି । ବୃଦ୍ଧ ବୟସ, ଜୀବନର ସାୟଂକାଳ, ମରଣ ସନ୍ନିକଟ, ତଥାପି ବ୍ୟାକରଣ ମୋହ ତୁଟି ନାହିଁ । ବ୍ରାହ୍ମଣ ଯେତେବେଳେ ଗ୍ରାହ୍ୟସ୍ଥ ଧର୍ମ ପାଳନ କରୁଥିଲେ, ବିଦ୍ୟାଦାନ ପୂର୍ବକ ଅର୍ଥ ଉପାର୍ଜନ କରି କୁଟୁମ୍ବ ପରିପୋଷଣ କରୁଥିଲେ । ପରନ୍ତୁ, ଜୀବନର ଶେଷ କାଳରେ ସଂସ୍କୃତ ବ୍ୟାକରଣର ଧାତୁପାଠ ରଟନ ମୃତ୍ୟୁ ନିକଟରୁ ରକ୍ଷା କରିପାରିବ ନାହିଁ କିମ୍ବା ମୁକ୍ତି ବୃଦ୍ଧ ବ୍ରାହ୍ମଣ ମୋହବଶତଃ ଏହି କଥା ଜାଣନ୍ତି ନାହିଁ ଯେ, ଗୋବିନ୍ଦଙ୍କ ନାମ ରଟନ ହିଁ ଗତି ଓ ମୁକ୍ତିର କାରଣ । ବୃଦ୍ଧ ବ୍ରାହ୍ମଣଙ୍କର ଏହି ପ୍ରକାର ମୋହ ଦେଖି ଶଙ୍କରାଚାର୍ଯ୍ୟଙ୍କ ହୃଦୟ ଦୟା ଓ କରୁଣାରେ ବିଗଳିତ ହେଲା । ଶଙ୍କରାଚାର୍ଯ୍ୟ ଦୟାପରବଶ ହୋଇ ଧାତୁ ପାଠ ରଟନ ପରିବର୍ତ୍ତେ ଗୋବିନ୍ଦଙ୍କ ନାମ ସ୍ମରଣ ପାଇଁ ବୃଦ୍ଧ ବ୍ରାହ୍ମଣଙ୍କୁ ପରାମର୍ଶ ଦେଲେ । ବ୍ୟାକରଣବିତ୍ ବ୍ରାହ୍ମଣଙ୍କର ମୋହ ବିନାଶ ନିମନ୍ତେ ଆଚାର୍ଯ୍ୟ ଶଙ୍କରଙ୍କ କଣ୍ଠରୁ ସ୍ୱତଃ ଝରିପଡ଼ିଲା ଅମୃତ ପ୍ରଦାୟିନୀ ସ୍ତୋତ୍ର ନିର୍ଝରିଣୀ 'ମୋହମୁଦ୍‌ଗର ସ୍ତୋତ୍ର' ଯାହା 'ଭଜ ଗୋବିନ୍ଦମ୍' ସ୍ତୋତ୍ର ରୂପେ ପରିଚିତ । ବାସ୍ତବରେ ଏହି ସ୍ତୋତ୍ରଟିରେ ସନ୍ନିବେଶିତ ବିଷୟବସ୍ତୁ ସାଂସାରିକ ମୋହର ବିନାଶ ପାଇଁ ମୁଦ୍‌ଗର ସଦୃଶ୍ୟ । ଏହି ସ୍ତୋତ୍ରକୁ ସମ୍ୟକ୍ ରୂପେ ହୃଦୟଙ୍ଗମ କଲେ ସାଂସାରିକ ମୋହ ସ୍ୱତଃ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ ।

"ଭଜ ଗୋବିନ୍ଦମ୍ ଭଜ ଗୋବିନ୍ଦମ୍
ଭଜ ଗୋବିନ୍ଦମ୍ ମୂଢ଼ମତେ ।
ସଂପ୍ରାପ୍ତେ ସନ୍ନିହିତେ କାଳେ
ନହି ନହି ରକ୍ଷତି ଡୁକୃନ୍ କରଣେ ।"

"ହେ ମୂଢ଼ମତି ! ଗୋବିନ୍ଦଙ୍କୁ ଭଜନ କର । ସବୁ ସମୟରେ କେବଳ 'ଡୁକୃନକରଣେ' ଆଦି ବ୍ୟାକରଣ ଧାତୁପାଠ ସାଧନ କାଳ ବା ମୃତ୍ୟୁ ନିକଟରୁ ରକ୍ଷା କରିପାରିବ ନାହିଁ। ଗତି ଓ ମୁକ୍ତିର ଉତ୍ତମ ସାଧନ ଈଶ୍ୱରଙ୍କ ନାମ କୀର୍ତ୍ତନ।

'ଡୁକୃଞ୍' ଅର୍ଥାତ୍ 'କୃ' ଧାତୁ ଏବଂ 'କରଣେ' ଅର୍ଥାତ୍ କରିବା ଅର୍ଥରେ 'କୃ' ଧାତୁ ପ୍ରୟୋଗ ହୁଏ । ବ୍ୟାକରଣ ଶାସ୍ତ୍ରବିତ୍ ବ୍ରାହ୍ମଣଙ୍କୁ ଆଚାର୍ଯ୍ୟ ଶଙ୍କର ମୂଢ଼ମତି ବୋଲି ସମ୍ବୋଧନ କରିଛନ୍ତି । ମୂଢ଼ର ଅର୍ଥ ଅପାଠୁଆ ବା ମୂର୍ଖ ନୁହେଁ; ପରମାତ୍ମାଙ୍କ ଠାରେ ଯାହାର ମନ ବା ମତି ନିବିଷ୍ଟ ରହି ନଥାଏ, ସେ ମୂଢ଼ମତି । ଈଶ୍ୱ ହେଉଛନ୍ତି ପରମପିତା । ଆମ ଜୀବନଧାରଣର ଯାହା ସାଧନ, ସେସବୁ ଈଶ୍ୱରଙ୍କ ଦାନ । ଏଣୁ ଈଶ୍ୱରଙ୍କ ପ୍ରତି ଆମର ଅନୁରାଗ ବା ଭକ୍ତି ରହିବା ଆବଶ୍ୟକ । ମୋହମୁଦ୍‌ଗରସ୍ତୋତ୍ରରେ ୩୧ଟି ଶ୍ଳୋକ ରହିଛି । ସ୍ତୋତ୍ରର ପ୍ରଥମ ଶ୍ଳୋକଟି ଘୋଷା ବା ପଲ୍ଲବୀ । ଏହି ପ୍ରଥମ ଶ୍ଳୋକଟିକୁ ଛାଡ଼ିଦେଲେ ଆଚାର୍ଯ୍ୟ ଶଙ୍କରଙ୍କ କଣ୍ଠରୁ ଆଉ ଦ୍ୱାଦଶଟି ଶ୍ଳୋକ ବିଗଳିତ ହୋଇଛି । ଏହି ବାରଗୋଟି ଶ୍ଳୋକକୁ 'ଦ୍ୱାଦଶ ମଞ୍ଜରିକା' କୁହାଯାଏ । ୧୪ ଶ୍ଳୋକରୁ ଆରମ୍ଭ କରି ୨୭ ଶ୍ଳୋକ ପର୍ଯ୍ୟନ୍ତ ଯେଉଁ ୧୪ଟି ଶ୍ଳୋକ ରହିଛି, ତାହା ତାଙ୍କର ପାଖରେ ଥିବା ଶିଷ୍ୟମାନଙ୍କ ଦ୍ୱାରା ରଚିତ ହୋଇଛି । ଶିଷ୍ୟମାନଙ୍କ ଜ୍ଞାନରେ ମୁଗ୍ଧ ହୋଇ ଶଙ୍କରାଚାର୍ଯ୍ୟ ୨୮ରୁ ୩୧ ଶେଷ ଚାରିଗୋଟି ଶ୍ଳୋକ ରଚନା କରିଛନ୍ତି ।

'ଗୋବିନ୍ଦ' ଶବ୍ଦଟି 'ଗୋ' ଏବଂ 'ବିନ୍ଦ' ଏହି ଦୁଇଟି ଶବ୍ଦ ଯୋଗ ହୋଇ ନିଷ୍ପନ୍ନ ହୋଇଛି । 'ଗୋ' ଶବ୍ଦର ପ୍ରାୟ ୩୦ ଗୋଟି ଅର୍ଥ ରହିଛି । ମାତ୍ର, ମୁଖ୍ୟତଃ ଗାଭୀ, ପୃଥିବୀ, ବେଦ, ଉପନିଷଦ ଏବଂ ଜ୍ଞାନ ଏହି ପାଞ୍ଚଟି ଅର୍ଥରେ ବ୍ୟବହୃତ ହୋଇଥାଏ । 'ବିନ୍ଦ' ଶବ୍ଦଟି 'ବିଦ୍' ଧାତୁରେ 'ନୁମ' ପ୍ରତ୍ୟୟ (ବିଦ୍+ନୁମ୍) ଯୋଗେ ନିଷ୍ପନ୍ନ ହୋଇଛି । 'ବିଦ୍' ଧାତୁର ଅର୍ଥ ଜାଣିବା, ଜ୍ଞାନ ଗ୍ରହଣ କରିବା, ପରିପାଳନ କରିବା ଓ ପୂଜା କରିବା ଇତ୍ୟାଦି । 'ଗୋବିନ୍ଦ' ଶବ୍ଦର ବ୍ୟୁତ୍ପତ୍ତିଗତ ବ୍ୟାଖ୍ୟା ହେଉଛି, "ଗୋଭିଃ ଉପନିଷଦ୍ ବାକୈଃ ବିଦ୍ୟାତେ ଜ୍ଞାୟତେ ଇତି ଗୋବିନ୍ଦଃ ।" ଏହାର ଅର୍ଥ ହେଲା ଉପନିଷଦୀୟ ଜ୍ଞାନଦ୍ୱାରା ଯେଉଁ ସତ୍ତା ଓ ତତ୍ତ୍ୱକୁ ବୁଝିହୁଏ। ସେହି ସେହି ସତ୍ତା ସତ୍ତ୍ୱ ଓ ଓ ସତ୍ୟ ହିଁ 'ଗୋବିନ୍ଦ'। ଉପନିଷଦ୍‌ର ତତ୍ତ୍ୱ ଓ ପ୍ରତିପାଦ୍ୟ ବିଷୟ ହେଉଛି 'ବ୍ରହ୍ମ' । ଅତଏବ, ବ୍ରହ୍ମ ହିଁ ଗୋବିନ୍ଦ । ଉପନିଷଦୀୟ ତତ୍ତ୍ୱ ଓ ଦର୍ଶନର ସିଦ୍ଧାନ୍ତ ପ୍ରତିପାଦନ କରିବାକୁ ଯାଇ ବ୍ୟାସଦେବ ବେଦାନ୍ତ ଦର୍ଶନ ବା ବ୍ରହ୍ମସୂତ୍ରର ପ୍ରଥମ ସୂତ୍ରଟି 'ଅଥାତୋ ବ୍ରହ୍ମଜିଜ୍ଞାସା' ଲେଖିଛନ୍ତି । ଏହାର ଅର୍ଥ ହେଲା ବ୍ରହ୍ମ ବିଷୟରେ ଜାଣିବା । 'ଗୋ'ର ଅର୍ଥ ପୃଥିବୀ ଏବଂ ପୃଥିବୀକୁ ଯେ ପାଳନ କରନ୍ତି ସେ ଗୋବିନ୍ଦ । ଅତଏବ, ଜଗତର ପାଳନର କର୍ତ୍ତା ବିଷ୍ଣୁ ହିଁ ଗୋବିନ୍ଦ 'ଗୋ' ଶବ୍ଦର ଅର୍ଥ ଦର୍ଶନ ବା ଜ୍ଞାନ । ବୈଦିକ ଦର୍ଶନ ଏବଂ ଜ୍ଞାନଦ୍ୱାରା ଯେଉଁ ପରମ ସତ୍ତାଙ୍କୁ ଜାଣିହୁଏ ସେ ଗୋବିନ୍ଦ । 'ଗୋବିନ୍ଦ' ଶବ୍ଦର ଅନ୍ୟଏକ ବ୍ୟୁତ୍ପତ୍ତି ହେଉଛି 'ଗାଂ ବିନ୍ଦନ୍ତି ଇତି ଗୋବିନ୍ଦ' ଅର୍ଥାତ୍ ଗୋମାତାଙ୍କୁ ଯେ ପାଳନ କରେ, ପୂଜାକରେ ଓ ରକ୍ଷାକରେ ସେ ଗୋବିନ୍ଦ । ଅତଏବ, ଲୀଳାବତାର ଗୋକୁଳ ରକ୍ଷକ ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣ ହିଁ ଗୋବିନ୍ଦ।

ଦେବରାଜ ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ 'ଗୋବିନ୍ଦ' ନାମରେ ନାମିତ କରିବା କଥା ଭାଗବତରେ ଲେଖାଅଛି । ଏକଦା ବ୍ରଜବାସୀଗଣ ଶ୍ରୀକୃଷ୍ଣଙ୍କ କଥାରେ ଇନ୍ଦ୍ରଙ୍କୁ ପୂଜା ନକରି ଗିରିରାଜ ଗୋବର୍ଦ୍ଧନଙ୍କୁ ପୂଜା କଲେ । ଅହଂକାରୀ ଇନ୍ଦ୍ର ଏଥିରେ କ୍ଷୁବ୍ଧ ହୋଇ ଗୋପପୁରକୁ ଧ୍ୱସ୍ତବିଧ୍ୱସ୍ତ କରିବା ପାଇଁ ମୂଷଳଧାରାରେ ବର୍ଷା କଲେ । ନନ୍ଦନନ୍ଦନ ଶ୍ରୀକୃଷ୍ଣ ବାମହସ୍ତରେ ଗୋବର୍ଦ୍ଧନ ପର୍ବତକୁ ଛତ୍ର ଆକାରରେ ଧାରଣ କରି ଗୋକୁଳ ଏବଂ ଗୋପୁରବାସୀଙ୍କୁ ବ୍ୟୁପ୍ପାତରୁ ରକ୍ଷା କଲେ । ଏହା ଫଳରେ ଇନ୍ଦ୍ରଙ୍କର ଗର୍ବ ଚୂର୍ଣ୍ଣ ହେଲା ଏବଂ ସେ ଶ୍ରୀକୃଷ୍ଣଙ୍କୁ ଗୋବିନ୍ଦ ନାମରେ ନାମିତ କଲେ। ସଂସ୍କୃତ ଭାଗବତରେ ଦଶମସ୍କନ୍ଦ ୨୭ ଅଧ୍ୟାୟରେ ଲେଖାଅଛି।

"ଇନ୍ଦ୍ରଃ ସୁରର୍ଷିଭିଃ ସାକଂ ନୋଦିତ ଦେବ ମାତୃଭିଃ ।
ଅଭ୍ୟଷିଞ୍ଚତ୍ ଦାଶାର୍ହଂ ଗୋବିନ୍ଦ ଇତି ଚାଭ୍ୟଧାତ୍ ॥"

"ଇନ୍ଦ୍ର ଦେବର୍ଷି ଏବଂ ଦେବମାତାଙ୍କ ସହିତ ଶ୍ରୀକୃଷ୍ଣଙ୍କୁ ଅଭିଷେକ କରି ଗୋବିନ୍ଦ ନାମରେ ନାମିତ କଲେ ।" ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଦଶମସ୍କନ୍ଦ ୨୮ ଅଧ୍ୟାୟରେ ଲେଖିଛନ୍ତି ଯେ, ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ କହିଛନ୍ତି:

ତୁ ନାଥ ଗୋକୁଳର ଇନ୍ଦ୍ର, ନାମ ମୁଁ ଦେବଇଁ ଗୋବିନ୍ଦ ॥

କବି ଦନେଇ ଦାସ ତାଙ୍କର ରଚିତ ଗୋପୀ ଭାଷାରେ ମଧ୍ୟ ଏହି କଥା ଲେଖିଛନ୍ତି:

ଇନ୍ଦ୍ର ହାରିଣ ଶରଣ ପଶିଲା,
ଗୋପେ ଗୋବିନ୍ଦ ନାମ ଦେଇଗଲା ॥

'ଭଜ' ଶବ୍ଦଟି 'ଭଜ୍' ଧାତୁରୁ ନିଷ୍ପନ୍ନ ହୋଇଛି । "ଭଜ୍'ର ଅର୍ଥ ସେବା କରିବା (ଭଜ୍ ସେବାୟାମ୍) । ଗୋବିନ୍ଦଙ୍କର ସେବା କରିବା ହିଁ ଭଜ ଗୋବିନ୍ଦ । ପରମାତ୍ମାଙ୍କର ଦୁଇଟି ସତ୍ତା ଅଛି । ଗୋଟିଏ ସତ୍ତା ନିରାକାର, ଅବ୍ୟକ୍ତ, ଅରୂପ ଏବଂ ଆଉ ଗୋଟିଏ ସତ୍ତା ବ୍ୟକ୍ତ, ସାକାର ଏବଂ ମୂର୍ତ୍ତ ବା ସ୍ୱରୂପ । ଏହି ପରିଦୃଶ୍ୟମାନ ଜଗତ ହେଉଛି ଈଶ୍ୱରଙ୍କ ବ୍ୟକ୍ତ ଓ ସାକାର ରୂପ । ଏହି ପରିଦୃଶ୍ୟ ସୃଷ୍ଟି ଭିତରେ ନିହିତ ଅଦୃଶ୍ୟ ସତ୍ତା ବା ଶକ୍ତିଟି ହେଉଛି ଅବ୍ୟକ୍ତ, ଅମୂର୍ତ୍ତ ଏବଂ ନିରାକାର । ଅତଏବ, ଏହି ପରିଦୃଶ୍ୟମାନ ବିଶ୍ୱ ଈଶ୍ୱରଙ୍କ ରୂପ ଏବଂ ଏହିପରି ଦୃଶ୍ୟମାନ ସୃଷ୍ଟି ଭିତରେ ଈଶ୍ୱରଙ୍କ ଦର୍ଶନ ହିଁ ବିଶ୍ୱରୂପ ଦର୍ଶନ । ସାକାର ହୁଅନ୍ତୁ ବା ନିରାକାର ହୁଅନ୍ତୁ, ସେହି ଈଶ୍ୱରୀୟ ସତ୍ତାର ସେବା ହିଁ ଗୋବିନ୍ଦଙ୍କ ସେବା ।

ଏହି ପରିଦୃଶ୍ୟମାନ ଜଗତର ପ୍ରାକୃତିକ ପରିବେଶ ଓ ମୂଳ ଯଥା: ଜମି, ଜଳ, ଜଙ୍ଗଲ ଆଦିର ସଂରକ୍ଷଣ, ସନ୍ତୁଳନ ଓ ଉଚିତ୍ ଉପଯୋଗ । ଜୀବେ ଦୟା ଅର୍ଥାତ୍ ପଶୁପକ୍ଷୀ ଆଦି ଜୀବମାନଙ୍କ ପ୍ରତି ଅହିଂସା ଆଚରଣ । ନୀତି, ନ୍ୟାୟ, ସତ୍ୟ, ଦାନ, ଧର୍ମ, ଦୟା ଇତ୍ୟାଦି ମାନବୀୟ ମୂଲ୍ୟବୋଧ ଓ ଦିବ୍ୟଗୁଣର ଧାରଣ ଏବଂ ପରିପାଳନ ଏହି ସମସ୍ତ କାର୍ଯ୍ୟ ହିଁ ଈଶ୍ୱରଙ୍କ ସେବା । ଏହା ଫଳରେ ବ୍ୟକ୍ତି ଓ ବିଶ୍ୱର ମଙ୍ଗଳ ସାଧିତ ହୋଇଥାଏ । ଅବ୍ୟକ୍ତ ସତ୍ତାର ସେବା ହେଲେ ଈଶ୍ୱର ସମ୍ବନ୍ଧୀୟ ଜ୍ଞାନ, ଈଶ୍ୱରଙ୍କ ଦାନ ପ୍ରତି କୃତଜ୍ଞତା। ଈଶ୍ୱରଙ୍କ ପ୍ରତି ଅନୁରାଗ ଓ ନାମଗୁଣ କୀର୍ତ୍ତନ । ସମଦୃଷ୍ଟି ଓ ସର୍ବତ୍ର ଈଶ୍ୱର ଦର୍ଶନ । ଅତିବଡ଼ି ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି:

ସୁଜନେ ଗୋବିନ୍ଦଙ୍କ ପାଦେ, ଚିତ୍ତକୁ ମଜାଅ ଆନନ୍ଦେ ॥
ଗୋବିନ୍ଦ ନାମ ଭେଳା କରି, ହେଲେ ତରିବ ଭବବାରି ॥

ଗୋବିନ୍ଦଙ୍କୁ ଭଜନ କରିବାର ସହଜ ଓ ସରଳ ସାଧନଟି ବିଷୟରେ ମୋହମୁଦ୍‌ଗର ସ୍ତୋତ୍ରରେ ଶଙ୍କରାଚାର୍ଯ୍ୟ ଲେଖିଛନ୍ତି:

ଗେୟଂ ଗୀତାନାମ ସହସ୍ରଂ ଧ୍ୟେୟଂ ଶ୍ରୀପତିରୂପମଜସ୍ରମ୍ ।
ନେୟଂ ସଜ୍ଜନ ସଙ୍ଗେ ଚିତ୍ତଂ ଦେୟଂ ଦୀନଜନାୟ ବିତ୍ତମ୍ ॥

ସର୍ବଦା ଗୀତାପାଠ କରିବା ଉଚିତ୍। ବିଷ୍ଣୁ ସହସ୍ରନାମ ପାଠ କରିବା ଉଚିତ୍। ଭଗବାନଙ୍କର ଅସଂଖ୍ୟ ରୂପକୁ ଧ୍ୟାନ କରିବା ଉଚିତ୍। ସାଧୁଜନ ଓ ସଜ୍ଜନଙ୍କ ସଙ୍ଗତି ଲାଭ କରିବା ଉଚିତ୍। ଦୁଃଖୀ, ଦରିଦ୍ର, ଅସହାୟ ଓ ନିରାଶ୍ରୟଙ୍କ ସେବାରେ ଧନବ୍ୟୟ କରିବା ଉଚିତ୍। ପତ୍ନୀ, ପୁତ୍ର ଏବଂ ଧନର ମୋହ ଏବଂ ଇନ୍ଦ୍ରିୟ ଭୋଗରେ ମନୁଷ୍ୟର ଜୀବନକାଳ କଟିଲା । ଅନ୍ତତଃପକ୍ଷେ ଜୀବନର ଶେଷ କାଳରେ ଗୋବିନ୍ଦଙ୍କର ସେବା କରିବା ଉଚିତ୍ ଓ ମହତ୍‌କାର୍ଯ୍ୟ କରିବା ଉଚିତ୍ । ମୋହ ମୁଦ୍‌ଗର ସ୍ତୋତ୍ର ମାଧ୍ୟମରେ ଆଚାର୍ଯ୍ୟ ଶଙ୍କରଙ୍କର ଏହାହିଁ ବିଶ୍ୱବାସୀଙ୍କୁ ପରାମର୍ଶ।

## ଭୁବନେଶ୍ୱରକୁ ଦେଶର ନମ୍ବର ୱାନ୍ ସ୍ୱଚ୍ଛ ସହର କରିବାକୁ ଆହ୍ୱାନ

# ସହର ଆମର, ଏହାକୁ ସ୍ୱଚ୍ଛ ରଖିବା ଦାୟିତ୍ୱ ମଧ୍ୟ ଆମର



**ଭୁବନେଶ୍ୱର:** ଏ ସହର ଆମର ଏବଂ ଏହାର ସ୍ୱଚ୍ଛତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ବର୍ତ୍ତମାନ ଦେଶର ସ୍ୱଚ୍ଛତା ର୍ୟାଙ୍କିଙ୍ଗ୍‌ରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ଯଦି ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବା, ତେବେ ଆମ ସହର ଦେଶର ସବୁଠାରୁ ସ୍ୱଚ୍ଛ ଓ ସୁନ୍ଦର ହୋଇ ପ୍ରଥମ ସ୍ଥାନ ହାସଲ କରିବ। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଥିଲେ।

ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେପରି ନିଜ ଘର, ବାଡ଼ି, ଦାଣ୍ଡ ଓ ଅଗଣା ସଫା ରଖୁଛୁ, ସେହିପରି ଆମ ଦୃଷ୍ଟିକୋଣକୁ ଆଉ ଟିକିଏ ପ୍ରସାରିତ କରିବା ଆବଶ୍ୟକ। ଘର ଆଗ ରାସ୍ତା ଓ ନିଜ କଲୋନୀକୁ ସଫା ରଖିବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟରେ ଯୋଡ଼ିହୋଇ ଘରର ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା କରି ନିୟମିତ ସଫେଇ ଗାଡ଼ିକୁ ଦେବା ଏବଂ ରାସ୍ତାରେ ଅଳିଆ ନ ଫିଙ୍ଗି ଅନ୍ୟମାନଙ୍କୁ ମଧ୍ୟ ବାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଦେଶର ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ମାତ୍ର ୨୦୧୪ ମସିହାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନର ସଫଳ ରୂପାୟନ କରି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆଜିର ଏହି ସ୍ୱତନ୍ତ୍ର 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' କାର୍ଯ୍ୟକ୍ରମ ସମଗ୍ର ସମାଜକୁ ସ୍ୱଚ୍ଛତା ସହିତ ଯୋଡ଼ିବାର ଏକ ଅଭିନବ ଓ ପ୍ରଶଂସନୀୟ ଉଦ୍ୟମ। ଆମର ପ୍ରିୟ ଭୁବନେଶ୍ୱର ସହର ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିଥିବାରୁ, ଏହାର ଶ୍ରେୟ ସଫେଇ ମିତ୍ରମାନଙ୍କୁ ଦେବା ସହ ସେମାନଙ୍କ ନିରବଚ୍ଛିନ୍ନ ସେବା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ ସଫେଇ ମିତ୍ରମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

ଏହାସହ ଦେଶର ୫୦ଟି 'ମଡେଲ ସାନିଟେସନ ସିଟି' ଭାବେ ବିକଶିତ ହେବା ପାଇଁ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଓ ପୁରୀ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମହାନଗର ନିଗମର କର୍ତ୍ତୃପକ୍ଷ, ଅଧିକାରୀ ଏବଂ ବିଶେଷ ଭାବେ ସଫେଇ ମିତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, କର୍ପୋରେଟର, ବିଏମସି କର୍ମଚାରୀ ସମେତ ସଫେଇ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ାବଳଙ୍ଗରୁ ବାହାରୁଛି ସୁନା ! ମାତିଛନ୍ତି ଅନ୍ତଃରାଜ୍ୟ ଲୁଟେରା

ଶାମାଖୁଣ୍ଟା: ମୟୂରଭଞ୍ଜଜିଲ୍ଲା ଶାମାଖୁଣ୍ଟା ବ୍ଲକ୍ ଅଧୀନ ସିନ୍ଦୁରଗୌରା ପଞ୍ଚାୟତ ଗୁମୁଡ଼ି ଗ୍ରାମର ବୁଢ଼ାବଳଙ୍ଗ ନଦୀରୁ ମିଳୁଛି ସୁନା। ସକାଳ ହେଲେ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନଦୀକୂଳରେ ରୁଣ୍ଡ ହୋଇ ସୁନା ଅନୁସନ୍ଧାନରେ ଲାଗି ପଡୁଛନ୍ତି। ନଦୀବାଲି ଛାଣି ଦେ ?ନିକ ପାଖାପାଖି ୫୦ ଗ୍ରାମରୁ ଅଧିକ ସୁନା ସଂଗ୍ରହ କରୁଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ବୁଢ଼ାବଳଙ୍ଗ ନଦୀକୂଳ ବାଲିରୁ ସୁନା ସଂଗ୍ରହ କରିବା ନେଇ ଏକ ଅନ୍ତଃରାଜ୍ୟ ଗୋଷ୍ଠୀ ସକ୍ରିୟ ରହିଛି।



ରାତି ପାହିଲେ ପ୍ରାୟ ୧୫ରୁ ୨୦ଟି ଗାଡ଼ିରେ ଶ୍ରମିକ ଭର୍ତ୍ତି ହୋଇ ନଦୀକୂଳରେ ପହଞ୍ଚୁଛନ୍ତି। ଏହି ମହିଳା ଓ ପୁରୁଷ ଶ୍ରମିକମାନେ ମୟୂରଭଞ୍ଜର ଶୀର୍ଷା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବାସିନ୍ଦା ବୋଲି ସୂଚନା ମିଳିଛି। ଦିନତମାମ ଶ୍ରମିକମାନେ କଠିନ ପରିଶ୍ରମ କରି ନଦୀବାଲିରୁ ସୁନା ସଂଗ୍ରହ କରୁଛନ୍ତି। ମାସେ ହେଲା ଏହି ପ୍ରକ୍ରିୟା ଚାଲିଥିବାବେଳେ ଏହି ଶ୍ରମିକମାନଙ୍କୁ କିଏ ଆଣି ସୁନା ଖୋଜିବା କାମରେ ନିୟୋଜିତ କରିଛି ତାହା ତାହା ତଦନ୍ତ ସାପେକ୍ଷ। ଏ ସଂପର୍କରେ ଶାମାଖୁଣ୍ଟା ତହସିଲଦାର ସାହେବରାମ ବାସ୍କେଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବାବଦରେ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ତେବେ ତୁରନ୍ତ ଏହାକୁ ରୋକିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।

# ୮ ବର୍ଷର ପ୍ରତୀକ୍ଷା ଶେଷ, ଛାତ୍ରଛାତ୍ରୀଙ୍କ ସେଲିବ୍ରେସନ୍

ଭୁବନେଶ୍ୱର : ୮ ବର୍ଷର ପ୍ରତୀକ୍ଷା ଶେଷ । ଅକ୍ଟୋବର ୧୫ରେ ଛାତ୍ର ସଂସଦ ନିର୍ବାଚନ । ଆଜି ନିର୍ବାଚନ ବିଗୁଲ ବାଜିଛି। ଦୀର୍ଘ ୮ ବର୍ଷ ପରେ ହେବ ଛାତ୍ର ସଂସଦ ନିର୍ବାଚନ। ଆସନ୍ତା ୧୫ ତାରିଖରେ ହେବ ଭୋଟ । ତାରିଖ ଘୋଷଣା ହେବା ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଛାତ୍ରଛାତ୍ରୀମାନେ ପରସ୍ପରକୁ ମିଠା ଖୁଆଇ ସେଲିବ୍ରସନ କରିଛନ୍ତି । ହାତରେ ମାତ୍ର ଆଉ ୧୦ ଦିନ ଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଖରେ ପହଞ୍ଚିବା ଛାତ୍ର ନେତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ୨୦୧୭ ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସବୁବେଳେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳୁଥିଲା। ଏବିଭିପି, ବିଜୁ ଛାତ୍ର ଜନତା ଦଳ ଓ ଛାତ୍ର କଂଗ୍ରେସ କଡ଼ା ଟକ୍କର ଦେଖିବାକୁ ମିଳେ। ଚଳିତ ଥର ମଧ୍ୟ ନିର୍ବାଚନରେ କଡ଼ା ଟକ୍କର ହେବ। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରାଜନୀତି ଆରମ୍ଭ କରି ଏବେ ବହୁ ରାଜନେତା ସକ୍ରିୟ ରାଜନୀତିରେ ରହିଛନ୍ତି ।ତେଣୁ କଲେଜ ନିର୍ବାଚନ ଆସିଲେ ଆଗକୁ ଆସେ ରେଭେନ୍ସା ବିଶ୍ୱବିଦ୍ୟାଳୟ କଥା। ଆସନ୍ତା ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ, ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ, ୧୫ରେ ନିର୍ବାଚନ ଓ ୧୬ରେ ଶପଥ ଗ୍ରହଣ କରିବେ ନିବ ନିର୍ବାଚିତ ଛାତ୍ର ନେତା। ତେବେ ଏହି ସବୁ ପ୍ରକିୟାକୁ କେମିତି ଶାନ୍ତି ଶୃଙ୍ଖଳାରେ କରାଯିବ ତାହା ବର୍ତ୍ତମାନ ବଡ଼ ଚ୍ୟାଲେଞ୍ଜ । ତେବେ କେତେ ଶାନ୍ତି ଶୃଙ୍ଖଳା ରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରେ ନିର୍ବାଚନ ହେଉଛି ତାହା ଦେଖିବାକୁ ବାକି ରହିଲା ।



## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ଟ୍ରାଭେଲ ବଜାରର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

# ଓଡ଼ିଶାକୁ ପର୍ଯ୍ୟଟକଙ୍କ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



- ପର୍ଯ୍ୟଟନର ପ୍ରଚାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ 'ଇନଭେଷ୍ଟମେଣ୍ଟ ଇନସେଣ୍ଟିଭ୍ ୱେବ୍ ଆପ୍ଲିକେସନ୍'ର ଆରମ୍ଭ
- 'ଅତିଥି ଦେବୋ ଭବଃ' ମୂଳମନ୍ତ୍ରକୁ ଆପଣାଇ ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଦିଅନ୍ତୁ ସର୍ବୋତ୍ତମ ସମ୍ମାନ
- ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୨୯ଟି ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ଏବଂ 'ଓସ୍ୱାଲି' ଜରିଆରେ ୧୦୦୦ ଲାଇଫ୍ ଗାର୍ଡ ନିଯୁକ୍ତ ହେବେ
- ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ସର୍ବନିମ୍ନ କୋଠରୀର ଆବଶ୍ୟକତା ୧୦କୁ ହ୍ରାସ, ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ' ମଞ୍ଜୁର

ଭୁବନେଶ୍ୱର: ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଆଜି ରାଜଧାନୀ ଭୁବନେଶ୍ୱରଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବା ବେଳେ ପୁଞ୍ଜି ସବ୍ ?ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଗୁଣାତ୍ମକ ମୌଳିକ କାଠାମୋ ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି।

ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ 'ଡେଷ୍ଟିନେସନ୍ ମ୍ୟାନେଜର' ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି।

ରାଜ୍ୟବାସୀଙ୍କୁ ଆବାହନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ହିଁ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର ହୋଇପାରିବେ। ଆଜିର ସୋସିଆଲ ମିଡିଆ ଯୁଗରେ ଗୋଟିଏ ବି ଅପ୍ରୀତିକର ପରିସ୍ଥିତି ବିଜୁଳି ବେଗରେ ଖେଳିଯାଉଥିବାରୁ ସମସ୍ତଙ୍କୁ ମିଳିମିଶି ଓଡ଼ିଶାର ସୁଖଦ ଅନୁଭୂତି ବିସ୍ତାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

ମରୁଭୂମିକୁ ବାଦ୍ ଦେଲେ ଭୂପୃଷ୍ଠର ସମସ୍ତ ପ୍ରକାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଓଡ଼ିଶାମାଟିରେ ରହିଛି ବୋଲି ଗର୍ବର ସହ ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଭଳି ବିଶ୍ୱସ୍ତରୀୟ ଐତିହାସିକ ସ୍ମାରକ ସାଙ୍ଗକୁ ରାଜ୍ୟରେ ୫୭୫ କିଲୋମିଟର ଦୀର୍ଘ ପ୍ରାକୃତିକ ସମୁଦ୍ରତଟ, ଭିତରକନିକାର ବିଶ୍ୱପ୍ରସିଦ୍ଧ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ, ଏସିଆର ସର୍ବବୃହତ ଲୁଣିଆ ପାଣି ହ୍ରଦ ଚିଲିକା ଏବଂ ହୀରାକୁଦ ଜଳଭଣ୍ଡାର ରହିଛି। ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬-୨୦୪୭ ରୋଡମ୍ୟାପ୍ ଅନୁଯାୟୀ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ରାଜ୍ୟର ସ୍ଥାନୀୟ କାରିଗର, ଗାଇଡ଼ ଏବଂ ଟୁର୍ ଅପରେଟରମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ୍ ଜ୍ଞାନକୌଶଳରେ ସଜ୍ଜିତ କରାଯାଉଛି, ଯାହାଦ୍ୱାରା ପର୍ଯ୍ୟଟକଙ୍କ ଯାତ୍ରା ଅଧିକ ସୁଗମ ଓ ଅବିସ୍ମରଣୀୟ ହୋଇପାରିବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି। ଆମର ବୌଦ୍ଧ ଐତିହ୍ୟ, ହସ୍ତତନ୍ତ, ଐତିହ୍ୟସ୍ଥଳୀ, ବିଶାଳ ଚିଲିକା ଏବଂ ଇକୋ-ଟୁରିଜିମ୍ ଏହାର ପ୍ରମାଣ। ଆମ ସଂସ୍କୃତି ପର୍ଯ୍ୟଟନ ପାଇଁ ସୃଷ୍ଟି କରାଯାଇନାହିଁ, ଏହା ନିଜ ମୌଳିକ ରୂପରେ ଜୀବନ୍ତ ଅଛି। ଆମ ସରକାର ସ୍ଥାୟୀ ପର୍ଯ୍ୟଟନ ପାଇଁ ଏକ ସୁଦୃଢ଼ ଏବଂ ଉତ୍ତମ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ହେବ। ପର୍ଯ୍ୟଟନ ଅର୍ଥନୀତିରେ ଏକ ସଶକ୍ତ ଯୋଗଦାନକାରୀ ହେବା ଉଚିତ୍। ଆମ ପର୍ଯ୍ୟଟନରେ ସାହସିକ ପର୍ଯ୍ୟଟନ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଆମେ ତାହାକୁ ଅଧିକ ସୁଦୃଢ଼ କରୁଛୁ ।

କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଳ ଦେବ କ୍ରୀଡ଼ା ଏବଂ ଦେଶର ବିକାଶ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ ଯେକୌଣସି ଦେଶ ନିଜର କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ମାନଙ୍କ ଜରିଆରେ ବିଶ୍ୱରେ ପରିଚିତ ହୋଇଥାଏ ଏବଂ ଆଜି ଆମ ଦେଶ କ୍ରୀଡ଼ା କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏସୀୟ କ୍ରୀଡ଼ା ତଥା ଅଲିମ୍ପିକ୍ସରେ ଆମର ଆଥଲେଟ୍ ?ମାନେ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସେ ସ୍ୱତନ୍ତ୍ର ଭାବେ ମତ ଦେଇଛନ୍ତି ଯେ ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ବରଂ ଭାରତୀୟ ହକିକୁ ଆଗକୁ ବଢ଼ାଇବାରେ ଏକ ବିଶାଳ ଭୂମିକା ଗ୍ରହଣ କରିଛି। ଆଜି ଆମେ ଗର୍ବର ସହ କହିପାରିବା ଯେ ଆଗାମୀ ଦିନରେ ଓଡ଼ିଶା କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ବରଂ ଭାରତର 'ସ୍ପୋର୍ଟ୍ସ ହବ୍' ବା କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା' କୁ ଲୋକାର୍ପିତ କରିଛନ୍ତି। ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡ଼ିଶା ଟୁରିଜିମ୍ ଇନ୍‌ଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଗାମୀ 'ପୁରୀ କୋଷ୍ଟାଲ ମାରାଥନ୍'ର ଜର୍ସିକୁ ମଧ୍ୟ ଉନ୍ମୋଚନ କରିଥିଲେ।

ଏହି ସମାରୋହରେ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗ କମିଶନର-ତଥା-ସଚିବ ଶ୍ରୀ ବଳୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଋଉଉଓ ଜାତୀୟ ପର୍ଯ୍ୟଟନ କମିଟିର କୋ-ଚେୟାରମ୍ୟାନ୍ ଡା. ଜେ.କେ. ମହାନ୍ତି, ସେଲିବ୍ରିଟି ଓଡ଼ିଆ କୁଇଜିନ୍ ବ୍ରାଣ୍ଡ ଆମ୍ବାସାଡର ଶ୍ରୀ ରଣବୀର ବ୍ରାର, ଏବଂ ଏସୀୟ କ୍ରୀଡ଼ା ପୋଲ୍-ଭଲ୍ଟ ଜାତୀୟ ରେକର୍ଡଧାରୀ ବରଣିକା ଏଲାଙ୍ଗୋଭାନ୍, ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ରାଜ୍ୟର ପର୍ଯ୍ୟଟନ ଭବିଷ୍ୟତ ସମ୍ପର୍କରେ ମତ ରଖିଥିଲେ।

# ନ୍ୟୁୟର୍କ ଯିବ ନୀଳଗିରିର ପ୍ରସିଦ୍ଧ ପଥର ବାସନ

ନୀଳଗିରି: ଓଡ଼ିଶାର ଐତିହ୍ୟସମ୍ପନ୍ନ କଳା ଓ ଭାସ୍କର୍ଯ୍ୟ ଆଜି ସାତସମୁଦ୍ର ତେରନଦୀ ପାର ହୋଇ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି । ବାଲେଶ୍ୱର ଜିଲ୍ଲା ନୀଳଗିରିର ଶତାବ୍ଦୀ ପୁରୁଣା ପାରମ୍ପରିକ ପଥର ବାସନ ଶିଳ୍ପ ଏବେ ଶୋଭା ପାଇବ ଆମେରିକାର ପ୍ରସିଦ୍ଧ ନ୍ୟୁୟର୍କ ସହରରେ । ଆମେରିକା ପ୍ରବାସୀ ଓଡ଼ିଆ ଡକ୍ଟର କୁମାର ପତିଙ୍କ ଠାରୁ ମୁକୁନ୍ଦପୁର ଗାଁର ବିଶିଷ୍ଟ କାରିଗର ଅରୁଣ କୁମାର ରାଉଳଙ୍କ ନିକଟକୁ ୧୦୦ଟି ହାତତିଆରି ମସଲା କୁଟା ପଥର ବାସନର ଏକ ବଡ଼ ଅର୍ଡର ଆସିଛି । ଆସନ୍ତା ଅକ୍ଟୋବର ୧୫ ତାରିଖରେ ଏହି ସମସ୍ତ ସାମଗ୍ରୀ ଆମେରିକା ଅଭିମୁଖେ ପଠାଯିବ, ଯେଉଁଥିପାଇଁ କାରିଗରମାନେ ବେଶ୍ ଆନନ୍ଦ ଓ ନିଷ୍ଠାର ସହ କାର୍ଯ୍ୟରେ ଲାଗିପଡ଼ିଛନ୍ତି ।



କଳା ମୁଗୁନୀ ପଥର ଏବଂ ଧଳା ପଥରରେ ଜୀବନ୍ତ କାରୁକାର୍ଯ୍ୟ କରିବାରେ ନୀଳଗିରି ଉପଖଣ୍ଡ ଔପଦା ବ୍ଲକର ବଉଳଗଡିଆ ଓ ଶ୍ୟାମସୁନ୍ଦରପୁର ଗ୍ରାମର ଶିଳ୍ପୀମାନେ ବେଶ୍ ପାରଙ୍ଗମ । ଏଠାରେ ପ୍ରସ୍ତୁତ ପଥରର ଗିନା, ଗ୍ଲାସ, ମସଲା ଛେଚା, କଳସ, ତାଟିଆ, ବାଟି, ବେଲା ଓ ଥାଳି ଭଳି ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ ସାରା ଭାରତରେ ଆଦୃତ । କେବଳ ବାସନକୁସନ ନୁହେଁ, ବାଲେଶ୍ୱରର ପ୍ରସିଦ୍ଧ ଇମାମୀ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ଅଯୋଧ୍ୟାର ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ନିଜ ନିଖୁଣ କାରୁକାର୍ଯ୍ୟର ଛାପ ଛାଡ଼ି ନୀଳଗିରିର ଏହି ପଥର ଶିଳ୍ପୀମାନେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି ।

ତେବେ ଏହି ଐତିହାସିକ ସଫଳତା ଓ ବିଶ୍ୱସ୍ତରୀୟ ଚାହିଦା ପଛରେ ଲୁଚି ରହିଛି ଅନେକ ଦୁଃଖଦ ବାସ୍ତବତା । ଦିନରାତି କଠିନ ପରିଶ୍ରମ ସତ୍ତ୍ୱେ କାରିଗରମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ । ସଠିକ୍ ବଜାର ସଂଯୋଗର ଅଭାବ ଯୋଗୁଁ ଅନେକ ଶିଳ୍ପୀ ବାଧ୍ୟ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି । ଏପରିକି ଅଧିକ ଅର୍ଥ ଉପାର୍ଜନ ଆଶାରେ ବିପଜ୍ଜନକ ଲାଲ୍ ପଥରରେ କାମ କରି ବହୁ କାରିଗର ମାରାତ୍ମକ ଫୁସଫୁସ୍ ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି ।

ନୀଳଗିରିର ଏହି ଦେଶୀୟ କଳା ଆଜି ଆନ୍ତର୍ଜାତୀୟ ବଜାରରେ ପହଞ୍ଚିବା ନିଶ୍ଚିତ ଭାବେ ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ । କିନ୍ତୁ ଏହି ପାରମ୍ପରିକ ଶିଳ୍ପକୁ ଦୀର୍ଘସ୍ଥାୟୀ କରିବା ସହ ନୂଆ ପିଢ଼ିକୁ ଆକର୍ଷିତ କରିବାକୁ ହେଲେ ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର କ୍ଲଷ୍ଟର, ଆଧୁନିକ ଉପକରଣ, ସ୍ୱାସ୍ଥ୍ୟ ବୀମା ଯୋଗାଇଦେବା ଜରୁରୀ ହୋଇପଡ଼ିଛି ।

# ଦୁଷ୍କର୍ମକାରୀକୁ ଏନ୍‌କାଉଣ୍ଟର: ବାଇକ୍, ନକଲି ବନ୍ଧୁକ ଜବତ

**ଭୁବନେଶ୍ୱର:** ରାଜଧାନୀରେ ଘଟିଥିବା ଚାଞ୍ଚଲ୍ୟକର ଦୁଷ୍କର୍ମ ମାମଲାରେ କମିସନରେଟ୍ ପୁଲିସକୁ ସଫଳତା ମିଳିଛି। ୪ଦିନ ଲୁଚକାଳି ଖେଳିବା ପରେ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ଡେରା ପକାଉଥିବା ଗଞ୍ଜାମ ଜଗନ୍ନାଥପ୍ରସାଦ ଅଞ୍ଚଳର ପେସାଦାର ଅପରାଧୀ ଶ୍ରୀଧର ପଣ୍ଡା ଓରଫ୍ ସନ୍ତୋଷ (୨୪) ପୁଲିସ ଜାଲରେ ଫସିଛି। ତାକୁ ଅନ୍ଧାରୁଆ ଜଙ୍ଗଲ ଭିତରେ ସ୍ପେଶାଲ୍ ସ୍କ୍ୱାଡ୍ ଓ ନୂଆପଲ୍ଲୀ ଥାନା ପୁଲିସ ଟିମ୍ ମାଡ଼ି ବସିଥିଲେ। ଜଣେ ଏସ୍‌ଆଇଙ୍କୁ ପେଚକସ୍‌ରେ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ କରିବାବେଳେ ଆତ୍ମରକ୍ଷା ପାଇଁ ପୁଲିସ ଗୁଳି ଚଳାଇଥିଲା। ଗୋଡ଼ରେ ଗୁଳି ବାଜିବାରୁ ତାକୁ କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଶ୍ରୀଧର ପାଖରୁ ଏକ ଚୋରା ବାଇକ୍, ନକଲି ବନ୍ଧୁକ ଓ ମୋବାଇଲ ଫୋନ୍ ଜବତ କରାଯାଇଛି।

ନୂଆପଲ୍ଲୀ ଥାନା ଏସ୍‌ଆଇ ତାକୁ ମାଡ଼ିବସିବା ବେଳେ ସେ ପାଖରେ ରଖିଥିବା ଏକ ପେଚକସ୍‌ରେ ତାଙ୍କୁ ଆକ୍ରମଣ କରିଥିଲା। ତେଣୁ ଆତ୍ମରକ୍ଷା କରିବାକୁ ପୁଲିସ ଗୁଳି ଚଳାଇଥିଲା। ୨ ରାଉଣ୍ଡ ଗୁଳିମାଡ଼ ପରେ ଶ୍ରୀଧର ତଳେ ପଡ଼ିଯାଇଥିଲା। ଗୋଟିଏ ଗୁଳି ତା' ଡାହାଣ ଗୋଡ଼ରେ ଘଷି ହୋଇଯିବାରୁ ସାମାନ୍ୟ କ୍ଷତ ହୋଇଥିଲା। ତଳେ ପଡ଼ି ଶ୍ରୀଧର ଜୀବନ ବିକଳରେ ହାତ ଟେକିଦେଲା। କେମିତି ଥିଲା ତଦନ୍ତ ଶ୍ରୀଧରକୁ ଚିହ୍ନଟ କରିବା ଲାଗି ପୁଲିସକୁ ପାଖାପାଖି ୪ଦିନ ଲାଗିଯାଇଥିଲା। ୩୦ରୁ ଅଧିକ ଦକ୍ଷ ପୁଲିସ କର୍ମଚାରୀ ମୋବାଇଲ୍ ଟ୍ରାକିଂରୁ ଆରମ୍ଭ କରି ଟାୱାର ଡମ୍ପିଂ ପର୍ଯ୍ୟନ୍ତ ଲାଗିଥିଲେ। ପ୍ରାୟ ୩୦୦ରୁ ଅଧିକ ସିସିଟିଭିରୁ ଫୁଟେଜ୍ ସଂଗ୍ରହ କରି ଛାନ୍‌ଭିନ କରାଯାଇଥିଲା। ସେହିଭଳି ସ୍ପେସାଲ୍ ସ୍କ୍ୱାଡ୍ ଟିମ୍ ବହୁ ଅପରାଧୀମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିବାରେ





ଲାଗିଥିଲା। ଘଟଣାପରଠୁ ସ୍ଥାନୀୟ ଅଞ୍ଚଳ ଦେଇ ଯାତାୟାତ କରିଥିବା ବିଭିନ୍ନ ଆମ ବସ୍‌ରୁ ମଧ୍ୟ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଘଟଣାର କିଛି ସମୟ ପରେ ଦୁର୍ବୃତ୍ତ ମାର୍କେଟ୍ ବିଲ୍ଡିଂରୁ ଏକ ବାଇକ୍ ଚୋରି କରି ରସୁଲଗଡ଼ ଦିଗରେ ଯାଇଛି। ଦୁଷ୍କର୍ମ କାଣ୍ଡ ଭିଆଇବା ପରଠୁ ସେ ନିଜର ସବୁ ପୁରୁଣା ଠିକଣା ବଦଳାଇ ଚନ୍ଦକା-ଅନ୍ଧାରୁଆସ୍ଥିତ ବସ୍ତି ନିକଟ ଜଙ୍ଗଲରେ ଡେରା ପକାଇଥିଲା।

ଶ୍ରୀଧର ଜଣେ ପେସାଦାର ଚୋର। ଚୋରି ଓ ଛିନ୍‌ତାଇ କରିବାରେ ସେ ସିଦ୍ଧହସ୍ତ। ଖଣ୍ଡଗିରି, ଭରତପୁର, ତମାଣ୍ଡୋ, ନୂଆପଲ୍ଲୀ ଆଦି ଥାନା ଅଞ୍ଚଳରେ ଚୋରି ଓ ଛିନ୍‌ତାଇ କରି ସେ ବହୁଥର ଜେଲ୍ ଯାଇଛି। ଚୋରି କରିବା ପୂର୍ବରୁ ସେ ବୁଲିବୁଲି ରେକି କରେ। କେଉଁ ଘରେ କିଏ କେତେବେଳେ ଅନୁପସ୍ଥିତ ରହୁଛି, ଠଉରାଏ ଏବଂ କେହି ଘରେ ନଥିବା ମଉକାରେ ଝରକା, କବାଟ ତାଡ଼ି ଲୁଟ୍‌ପାଟ କରେ। ନୂଆପଲ୍ଲୀରେ ଏମିତି ରେକି କରିବା ସମୟରେ ପୀଡ଼ିତାଙ୍କ ଉପରେ ତା'ର ଲୋଲୁପ ନଜର ପଡ଼ିଥିଲା। ସଞ୍ଜ ପହରରେ ବଡ଼ଭଉଣୀ ଘରେ ରହୁନାହାନ୍ତି ଏବଂ ପୀଡ଼ିତା ଏକାକୀ ରହୁଛନ୍ତି ବୋଲି ସେ ଲକ୍ଷ୍ୟ କରିଥିଲା। ତେଣୁ କିଛିଦିନ ହେଲା ସେ ପୀଡ଼ିତାଙ୍କ ଘର ଆଖପାଖରେ ବେଶ୍ କାଇଦାରେ ଚାଲି ଚାଲି ବୁଲୁଥିଲା ଏବଂ ମଉକାକୁ ଉଣ୍ଡି ବସୁଥିଲା। ପୀଡ଼ିତାଙ୍କ ଦୁର୍ଭାଗ୍ୟ ଯେ ସେଦିନ ସନ୍ଧ୍ୟାରେ ଶ୍ରୀଧରକୁ ମଉକା ମିଳିଗଲା।

### ମଝି ଆକାଶରେ ବାସ୍ତବ ହିରୋ

# ଅଭିଜ୍ଞତା ପାଇଁ ପାଇଲଟ ବଞ୍ଚାଇଲେ ୧୮୦ ଯାତ୍ରୀଙ୍କ ଜୀବନ

ଦୁବାଇରୁ ଇସ୍ରାଏଲ ଯାଉଥିବା ଯେଉଁ ବିମାନକୁ କ୍ରାସ୍ କରିବାକୁ ଉଦ୍ୟମ କରାଯାଇଥିଲା, ତାହାକୁ ବଞ୍ଚାଇବାରେ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ମିତ ମଚ୍ଛାର ଏହି ବିମାନ ଚଳାଉଥିବା ବେଳେ ତାଙ୍କ ସହ-ପାଇଲଟ୍ ତାଙ୍କ ଉପରେ ଆକ୍ରମଣ କରି ବିମାନକୁ କ୍ରାସ୍ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଫ୍ଲାଇଦୁବାଇର ଏଫଜେଡ୧୦୭୩ ବିମାନ ମାତ୍ର ୪୦ ସେକେଣ୍ଡରେ ୧୪ ହଜାର ଫୁଟ୍ ତଳକୁ ଖସିଥିଲା।

ଏଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ବୋଇଂ ୭୩୭ବିମାନ ଚଳାଇବାରେ ଭାରତୀୟ ପାଇଲଟ୍ ମଚ୍ଛାରଙ୍କ ୯,୭୫୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ବହୁତ କାମରେ ଆସିଥିଲା। ସେ ଦଶନ୍ଧି ଧରି ପାଇଥିବା ଫ୍ଲାଇଟ୍ ଟ୍ରେନିଂର ଅଭିଜ୍ଞତାକୁ ଆଧାର କରି ସଙ୍କଟ ସମୟରେ ଯାତ୍ରୀଙ୍କ ପାଇଁ ଦେବଦୂତ ସାଜି ଶେଷରେ ୧୮୦ ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିଲେ। ଏହାପରେ ବିମାନକୁ ସାଉଦି ଆରବର ତାବୁକ୍ ଅଭିମୁଖେ ଜରୁରୀକାଳୀନ ଭାବେ ଉଡାଯାଇଥିଲା।




#### ମଚ୍ଛାରଙ୍କ ଉଡ଼ାଣ ଅଭିଜ୍ଞତା

କ୍ୟାପଟେନ୍ ମଚ୍ଛାରଙ୍କ ପାଖରେ ବୋଇଂ ୭୩୭ ସିରିଜ୍ ବିମାନରେ ୯,୭୫୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ରହିଛି। ଏଥିରେ ୭୩୭-୮୦୦ ସହିତ ଆଧୁନିକ ୭୩୭ ମ୍ୟାକ୍ସ ୮ ଏବଂ ମ୍ୟାକ୍ସ ୯ ମଡେଲ୍ ମଧ୍ୟ ସାମିଲ ଅଛି। ତାଙ୍କ ମୋଟ ଉଡ଼ାଣ ସମୟ ମଧ୍ୟରୁ ମଚ୍ଛାର ପାଇଲଟ୍-ଇନ୍-କମାଣ୍ଡ ଭାବେ ୬,୪୦୦ ଘଣ୍ଟା ପୂରଣ କରିଛନ୍ତି। ବିମାନର ସୁରକ୍ଷା, କ୍ରୁ ମଧ୍ୟରେ ସମନ୍ୱୟ ଏବଂ ଉଡ଼ାଣ ସମୟରେ କୌଣସି ତ୍ରୁଟି ଘଟିଲେ ଜରୁରୀକାଳୀନ ପଦକ୍ଷେପ ନେବାର ଶେଷ ଦାୟିତ୍ୱ ପିଆଇସିଙ୍କ ଉପରେ ରହିଥାଏ। ଏହି ଘଟଣାରେ ତାଙ୍କ ପିଆଇସି ଭାବରେ ଥିବା ଅଭିଜ୍ଞତା ବେଶ୍ ଉପଯୋଗୀ ହୋଇଥିଲା। ୨୦୨୨ ମସିହାରେ ଡାଇରେକ୍ଟ ଏଣ୍ଟ୍ରି କ୍ୟାପଟେନ୍ ଭାବେ ଫ୍ଲାଇଦୁବାଇରେ ଯୋଗଦେବା ପୂର୍ବରୁ ମଚ୍ଛାର ମୁମ୍ବାଇରେ ସ୍ପାଇସଜେଟ୍ ସହିତ ୧୧ ବର୍ଷ କାମ କରିଥିଲେ। ନଭେମ୍ବର ୨୦୨୦ରୁ ସେ 'ଲାଇନ୍ ଟ୍ରେନିଂ କ୍ୟାପଟେନ୍' ଭାବେ କାମ କରିଥିଲେ। ଏହି ଭୂମିକାରେ ତାଙ୍କୁ ପ୍ରକୃତ ବୋଇଂ ରୁଟ୍‌ରେ ଅନ୍ୟ କମାଣ୍ଡରମାନଙ୍କର ମୂଲ୍ୟାଙ୍କନ, ପ୍ରଶିକ୍ଷଣ ଏବଂ ପରୀକ୍ଷା କରିବାର ଦାୟିତ୍ୱ ଦିଆଯାଇଥିଲା।

#### ସାଉଦି ଆରବରେ ସୁରକ୍ଷିତ ଅବତରଣ

ଜୋର୍ଡାନ୍‌ର ଆକାଶ ସୀମାରେ ଘଟିଥିବା ସଂଘର୍ଷ ସମୟରେ ଛୁରି ଆଘାତରେ ଆହତ ହୋଇଥିଲେ ମଧ୍ୟ ମଚ୍ଛାର କ୍ୟାବିନ୍ କ୍ରୁ ସହିତ ମିଶି ଫ୍ଲାଇଟ୍ ଡେକ୍‌କୁ ସୁରକ୍ଷିତ କରିଥିଲେ ଏବଂ ବିମାନକୁ ସ୍ଥିର କରିଥିଲେ।ଏହାପରେ ଫ୍ଲାଇଟ୍ କ୍ରୁ ବୋଇଂ ୭୩୭ ମ୍ୟାକ୍ସ ବିମାନକୁ ସାଉଦି ଆରବର ଆକାଶ ସୀମା ମଧ୍ୟରେ ତଳକୁ ଆଣିଥିଲେ। ଏହି ସମୟରେ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ପୁଣି ଚାଲୁ ହୋଇଥିଲା। ଶେଷରେ ବିମାନଟି ସାଉଦି ଆରବର ତାବୁକ୍ ରିଜିଓନାଲ୍ ଏୟାରପୋର୍ଟରେ ସୁରକ୍ଷିତ ଭାବେ ଅବତରଣ କରିଥିଲା।

# ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଥିଲା ଯୁଦ୍ଧ

ବିଶ୍ୱ ଇତିହାସରେ ଏପରି ଅନେକ ଯୁଦ୍ଧ ହୋଇଛି, ଯାହା ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଚାଲିଥିଲା। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାକୁ ଆଜି ବି ଦୁନିଆ ଭୁଲିନାହିଁ। ମାତ୍ର ଆପଣ ଜାଣନ୍ତି କି, ଇତିହାସର ଏପରି ଏକ ଯୁଦ୍ଧ ରହିଛି, ଯାହା ଦିନ କି ସପ୍ତାହ ନୁହେଁ, ବରଂ ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଏହାକୁ ମାନବ ଇତିହାସର ସବୁଠାରୁ ଛୋଟ ଯୁଦ୍ଧ ଭାବେ ଗଣନା କରାଯାଏ, ଯାହା 'ଆଙ୍ଗ୍ଲୋ-ଜାଞ୍ଜିବର ଯୁଦ୍ଧ' ନାମରେ ପ୍ରସିଦ୍ଧ।

#### କାହିଁକି ହୋଇଥିଲା ଏହି ଯୁଦ୍ଧ ?

ଜାଞ୍ଜିବରର ସୁଲତାନ ହମଦଙ୍କ ମୃତ୍ୟୁ ପରେ, ତାଙ୍କ ସମ୍ପର୍କୀୟ ଭାଇ ଖାଲିଦ୍ ବିନ୍ ବରଘଶ୍ ବ୍ରିଟିଶ ସରକାରଙ୍କ ବିନା ଅନୁମତିରେ ନିଜକୁ ଜାଞ୍ଜିବରର ନୂଆ ସୁଲତାନ ଭାବେ ଘୋଷଣା କରିଥିଲେ । ଏକ ଚୁକ୍ତି ଅନୁଯାୟୀ, ଜାଞ୍ଜିବରର ନୂଆ ସୁଲତାନ କେବଳ ବ୍ରିଟିଶ କାଉନସିଲର ମଞ୍ଜୁରୀ ପରେ ହିଁ ସିଂହାସନରେ ବସିପାରିବେ । ତେଣୁ ବ୍ରିଟିଶ ଅଧିକାରୀମାନେ ଖାଲିଦଙ୍କୁ ତୁରନ୍ତ ଗାଦି ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ଖାଲିଦ ଏହାକୁ ଅମାନ୍ୟ କରି ବ୍ରିଟିଶ ସେନାର ସାମ୍ନା କରିବା ପାଇଁ ରାଜମହଲ ଚାରିପାଖରେ ପ୍ରାୟ ୩,୦୦୦ ସୈନ୍ୟ ମୁତୟନ କରିଥିଲେ ।



#### ୩୮ ମିନିଟ୍‌ର ଆକ୍ରମଣ ଓ ଆତ୍ମସମର୍ପଣ

ବ୍ରିଟିଶ ସେନା ସୁଲତାନ ଖାଲିଦଙ୍କୁ ସ୍ଥିତି ସୁଧାରିବା ପାଇଁ ଅଗଷ୍ଟ ୨୭ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ସମୟ ଦେଇଥିଲେ । ନିର୍ଦ୍ଧାରିତ ସମୟ ସୁଦ୍ଧା ଖାଲିଦ ଆତ୍ମସମର୍ପଣ ନକରିବାରୁ, ଠିକ୍ ସକାଳ ୯ଟା ୨ ମିନିଟ୍‌ରେ ବ୍ରିଟିଶ ନୌସେନାର ଯୁଦ୍ଧପୋତଗୁଡ଼ିକ ସୁଲତାନଙ୍କ ମହଲ ଉପରେ ପ୍ରବଳ ବୋମାବର୍ଷା ଆରମ୍ଭ କରିଦେଇଥିଲେ । ବ୍ରିଟିଶମାନଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ର ଓ ତୋପ ଆଗରେ ଜାଞ୍ଜିବର ସୈନ୍ୟମାନେ ତିଷ୍ଠି ପାରିନଥିଲେ । କିଛି ମିନିଟ୍ ମଧ୍ୟରେ କାଠରେ ତିଆରି ରାଜମହଲ ନିଆଁର ଲେଲିହାନ ଶିଖାରେ ଭସ୍ମୀଭୂତ ହୋଇଯାଇଥିଲା । ସକାଳ ୯ଟା ୪୦ ମିନିଟ୍‌ରେ, ଅର୍ଥାତ୍ ଠିକ୍ ୩୮ ମିନିଟ୍ ପରେ, ସୁଲତାନଙ୍କ ସେନା ଆତ୍ମସମର୍ପଣ କରିଥିଲେ ।

#### ମହଲ ଛାଡ଼ି ପଳାଇଲେ ସୁଲତାନ

ଏହି ୩୮ ମିନିଟ୍‌ର ସଂଗ୍ରାମରେ ଜାଞ୍ଜିବରର ପ୍ରାୟ ୫୦୦ ସୈନ୍ୟ ଓ ନାଗରିକ ନିହତ କିମ୍ବା ଗୁରୁତର ଆହତ ହୋଇଥିଲେ । ଅନ୍ୟପଟେ ବ୍ରିଟିଶ ସେନାର ମାତ୍ର ଜଣେ ସୈନିକ ଆହତ ହୋଇଥିଲେ, ଯାହାଙ୍କ ଜୀବନ ବଞ୍ଚିଯାଇଥିଲା । ବ୍ରିଟିଶ ଆକ୍ରମଣ ଦେଖି ସୁଲତାନ ଖାଲିଦ୍ ମହଲର ପଛ ପଟ ଦେଇ ଖସିପଳାଇଥିଲେ ଓ ସ୍ଥାନୀୟ ଜର୍ମାନ ଦୂତାବାସରେ ଶରଣ ନେଇଥିଲେ । ଏହିପରି ଭାବେ ଅତି କମ୍ ସମୟ ମଧ୍ୟରେ ଯୁଦ୍ଧ ଜିତି ବ୍ରିଟିଶମାନେ ଜାଞ୍ଜିବର ଉପରେ ନିଜର ଆଧିପତ୍ୟ ଜାହିର କରିଥିଲେ ।

# ଟାୟାର ଦୌଡ଼ରେ ପରିବେଶର ବାର୍ତ୍ତା



ଆମ ପାଇଁ ପୁରୁଣା ଟାୟାର ହୁଏତ ଏକ ଅଦରକାରୀ ଜିନିଷ। ହେଲେ ମାୟୋଟ୍ ? ଦ୍ୱୀପରେ ଏହି ଫିଙ୍ଗି ଦିଆଯାଇଥିବା ଟାୟାର ହିଁ ପାଲଟିଛି ଏକ ନିଆରା ଦୌଡ଼ର ଅଂଶ। ଏଠାରେ 'ଟାୟାର ଦୌଡ଼' କେବଳ ଏକ ଖେଳ କିମ୍ବା ମନୋରଞ୍ଜନ ନୁହେଁ, ବରଂ ଦ୍ୱୀପର ବଢୁଥିବା ଆବର୍ଜନା ସମସ୍ୟାର ଏକ ଚିତ୍ର। ଲୋକେ ଆନନ୍ଦର ସହ ଏହି ଦୌଡ଼ରେ ସାମିଲ ହେଉଥିବା ବେଳେ, ଏହା ପରିବେଶ ସୁରକ୍ଷାର ଏକ ବଡ଼ ବାର୍ତ୍ତା ମଧ୍ୟ ଦେଉଛି। ମାୟୋଟ୍ ହେଉଛି ଭାରତ ମହାସାଗରରେ ମାଡାଗାସ୍କର ଓ ମୋଜାମ୍ବିକ୍ ଉପକୂଳ ମଧ୍ୟରେ ଥିବା ଏକ ଦ୍ୱୀପପୁଞ୍ଜ। ୧୯୮୪ ମସିହାରେ ପିଇଟି ଶିକ୍ଷକ ଜ୍ୟାକ୍ ପାସ୍ ଏଠାରେ ଟାୟାର ଦୌଡ଼ ଆରମ୍ଭ କରିଥିଲେ। ମାୟୋଟ୍ ?ର ପାରମ୍ପରିକ ଖେଳରୁ ଏହି ଦୌଡ଼ର ଧାରଣା ଆସିଥିଲା। ପିଲାମାନେ ଦୁଇଟି କାଠି ଧରି ଟାୟାରକୁ ଗଡ଼ାଇ ଦୌଡୁଥିଲେ। ଧୀରେ ଧୀରେ ଏହି ସ୍କୁଲ୍ ଖେଳ ମାୟୋଟ୍‌ର ଏକ ପରିଚିତ କ୍ରୀଡ଼ା ଓ ପରମ୍ପରାରେ ପରିଣତ ହୋଇଗଲା। ତେବେ ଏହି ଟାୟାର ଦୌଡ଼ ପଛରେ ଏକ ବଡ଼ ପରିବେଶ ସମସ୍ୟା ମଧ୍ୟ ରହିଛି। ମାୟୋଟ୍‌ରେ ପୁରୁଣା ଟାୟାର ରଖିବା ପାଇଁ ଯଥେଷ୍ଟ ସ୍ଥାନ ନାହିଁ। ପୁରୁଣା ଟାୟାରକୁ ପୁନଃଚକ୍ରଣ ପାଇଁ ଅନ୍ୟ ସ୍ଥାନକୁ ପଠାଇବା ମଧ୍ୟ ମହଙ୍ଗା। ସବୁ ଅଞ୍ଚଳରେ ଆବର୍ଜନା ସଂଗ୍ରହର ବ୍ୟବସ୍ଥା ମଧ୍ୟ ଭଲ ନୁହେଁ। ତେଣୁ ଅନେକ ପୁରୁଣା ଟାୟାର ଖୋଲା ସ୍ଥାନରେ ପଡ଼ିରହୁଛି। ଟାୟାର ଭିତରେ ବର୍ଷା ପାଣି ଜମିଲେ ମଶା ବଢ଼ିବାର ଆଶଙ୍କା ଥାଏ। ଏହା ରୋଗ ବ୍ୟାପିବାର କାରଣ ହୋଇପାରେ। ସେହିପରି ଟାୟାର ଜାଳିଲେ ବିଷାକ୍ତ ଧୂଆଁ ବାହାରି ବାୟୁ ଓ ମାଟିକୁ ପ୍ରଦୂଷିତ କରେ।

ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୩୦୦ କୋଟି ଟାୟାର ତିଆରି ହୁଏ। ପୁରୁଣା ଟାୟାରକୁ ଗୁଣ୍ଡ କରି ରାସ୍ତା ଓ ଖେଳ ପଡ଼ିଆରେ ବ୍ୟବହାର କରାଯାଏ। ସିମେଣ୍ଟ କାରଖାନା ଓ ପାଇରୋଲିସିସ୍ ଭଳି ପଦ୍ଧତିରେ ମଧ୍ୟ ଏହାକୁ ପୁନଃବ୍ୟବହାର କରାଯାଏ। ହେଲେ ଏଥିପାଇଁ ଅଧିକ ଖର୍ଚ୍ଚ ଓ ଯନ୍ତ୍ରପାତି ଦରକାର। ତେଣୁ ମାୟୋଟ୍ ଭଳି ଦ୍ୱୀପ ଅଞ୍ଚଳରେ ଟାୟାର ପରିଚାଳନା ଏକ ବଡ଼ ଚ୍ୟାଲେଞ୍ଜ। ଟାୟାର ସମସ୍ୟା ମଧ୍ୟ ପ୍ଲାଷ୍ଟିକ୍ ପ୍ରଦୂଷଣ ଭଳି ଏକ ବଡ଼ ପରିବେଶ ସମସ୍ୟା। ଆବର୍ଜନା ବଢୁଥିବା ବେଳେ ପୁନଃଚକ୍ରଣ ବ୍ୟବସ୍ଥା ସେହି ଅନୁପାତରେ ବଢୁନାହିଁ। ମାୟୋଟ୍‌ର ଲୋକେ ପୁରୁଣା ଟାୟାରକୁ ନିଆରା ଭାବେ ବ୍ୟବହାର କରୁଥିଲେ ମଧ୍ୟ, ଏହା ସ୍ଥାୟୀ ସମାଧାନ ନୁହେଁ। ଟାୟାର ତଥା ପ୍ଲାଷ୍ଟିକ୍ ତିଆରି କରୁଥିବା କମ୍ପାନି ଓ ସରକାର ଏହାର ଉପଯୁକ୍ତ ପରିଚାଳନା ଦାୟିତ୍ୱ ନେବା ଆବଶ୍ୟକ।

### ପରିବେଶ ଯୋଦ୍ଧା

# ପୋଖରୀ ସୁରକ୍ଷାରେ ଜୀବରାଜ

ଯେଉଁ ପୋଖରୀ କେବେ ଗାଁ ଓ ସହରର ଜୀବନରେଖା ଥିଲା, ଆଜି ସେହି ପୋଖରୀ ଅନେକ ସ୍ଥାନରେ ଅଳିଆ ଓ ପ୍ରଦୂଷଣରେ ଭରିଯାଉଛି। ପାଣିରେ ଭାସୁଛି ପ୍ଲାଷ୍ଟିକ୍, ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ଆବର୍ଜନା। ତେବେ ଜଣେ ବ୍ୟକ୍ତିଙ୍କ ଦୃଢ଼ ଇଚ୍ଛା ଓ ଲୋକଙ୍କ ସହଯୋଗ ଏହି ଚିତ୍ରକୁ ଯେ ବଦଳାଇ ଦେଇପାରେ ତାହାର ଏକ ଉଦାହରଣ ହେଉଛନ୍ତି ରାଜସ୍ଥାନ ଯୋଧପୁରର ପଣ୍ଡିତ ଜୀବରାଜ ଶ୍ରୀମାଳୀ। ୨୦୧୬ରେ ରୋକାଡିୟା ବାଲାଜୀ ମନ୍ଦିର ନିକଟସ୍ଥ 'ଗୁରୁଓ କା ତାଲାବ' ଅଳିଆ ପକାଇବାର ସ୍ଥାନ ପାଲଟିଥିଲା।

ପୂଜା ପରେ ଫୁଲ, ମୂର୍ତ୍ତି, ଧାର୍ମିକ ପୁସ୍ତକ, ଫଟୋ, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ସାମଗ୍ରୀ ପାଣିରେ ପକାଯାଉଥିଲା। ଏହା ଦେଖି ଶ୍ରୀମାଳୀ ଲୋକଙ୍କୁ ସଚେତନ କରିବା ସହ ଯୋଧପୁର ମ୍ୟୁନିସିପାଲ୍ କର୍ପୋରେସନ ସହ ମିଶି ସଫେଇ ଅଭିଯାନ ଆରମ୍ଭ କରିଥିଲେ। ପୂଜା ସାମଗ୍ରୀ, କପଡ଼ା ଓ ପ୍ଲାଷ୍ଟିକ୍ ପାଇଁ ଅଲଗା ଡଷ୍ଟବିନ୍ ରଖାଗଲା। ପୋଖରୀ ଚାରିପାଖରେ ସିସିଟିଭି ମଧ୍ୟ ଲଗାଗଲା। ଅଳିଆ ପକାଉଥିବା ବ୍ୟକ୍ତିଙ୍କୁ ନିଜେ ସେହି ଆବର୍ଜନା ସଫା କରିବାକୁ କୁହାଯାଉଥିଲା। ଏହା ସହ ୨୦୧୮ରେ ଶ୍ରୀମାଳୀ ଓ ସ୍ଥାନୀୟ ବାସିନ୍ଦାମାନେ ପୋଖରୀ ସୁରକ୍ଷା ପାଇଁ ରାଜସ୍ଥାନ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରିଥିଲେ। ୨୦୧୯ରେ ପୋଖରୀ ସଫା କରିବା ଓ ମୂର୍ତ୍ତି ବିସର୍ଜନ ରୋକିବା ଦିଗରେ ପଦକ୍ଷେପ ନିଆଗଲା।



ପ୍ରାୟ ୧୦ ବର୍ଷ ଧରି ଚାଲିଥିବା ଏହି ଅଭିଯାନ ଏବେ ଯୋଧପୁରର ୫ଟି ଅବହେଳିତ ପୋଖରୀ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ସମୟରେ ୫ ଟନ୍‌ରୁ ଅଧିକ ଆବର୍ଜନା ହଟାଯାଇଥିବା ବେଳେ ୩୫୦ରୁ ଅଧିକ ଗଛ ଲଗାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ ଅଲଗା ଟାଙ୍କି ମଧ୍ୟ ତିଆରି କରାଯାଇଛି। ୨୦୨୩ରେ ପୋଖରୀ ଜମିରେ ଅବୈଧ ନିର୍ମାଣ ଓ ଡ୍ରେନ୍ ପାଣି ପ୍ରବେଶକୁ ନେଇ ଶ୍ରୀମାଳୀ ପୁଣି ଜନସ୍ୱାର୍ଥ ମାମଲା କରିଥିଲେ। ୨୦୨୬ ଅଗଷ୍ଟରେ ପରିବେଶ ସୁରକ୍ଷା ଓ ପ୍ରାକୃତିକ ଜଳସ୍ରୋତ ସଫା ପାଇଁ ତାଙ୍କୁ 'ବୀର ଦୁର୍ଗାଦାସ ରାଠୋର ସମ୍ମାନ' ପ୍ରଦାନ କରାଯାଇଛି। ତାଙ୍କ ମତରେ ପୋଖରୀକୁ କେବଳ ସଫା କରିଦେଲେ ହେବନାହିଁ, ଏହାକୁ ପୁଣି ଅଳିଆ ହେବାରୁ ରକ୍ଷା କରିବା ପାଇଁ ଲୋକଙ୍କ ଅଭ୍ୟାସ ବଦଳିବା ଦରକାର।

# ମହୌଷଧିରୁ କମ୍ ନୁହେଁ ମଞ୍ଜିଜାତୀୟ ଏ ପରିବା

## ହୃଦରୋଗୀଙ୍କ ପାଇଁ ଭାରି ବଢ଼ିଆ, ୮ ରୋଗକୁ କମାଇବାର ରଖେ ଶକ୍ତି

*ଆପଣ ଖାଇବା ସମୟରେ ଅନେକ ଲୋକଙ୍କୁ କହିଥିବାର ଶୁଣିଥିବେ ଯେ ଆମେ ଏ ପରିବା ଖାଉନୁ ସେ ପରିବା ଖାଉନୁ । କିନ୍ତୁ ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ ।*



ପ୍ରାୟତଃ ଲୋକ ଖାଇବା ସମୟରେ ପାଟି ସୁଆଦ ଖୋଜିଥା'ନ୍ତି । ସ୍ୱାସ୍ଥ୍ୟ ପ୍ରତି ଅହିତକର ହେଲେ ଚଳିବ କିନ୍ତୁ ପାଟିକୁ ନ ରୁଚିଲେ ଖାଇବା ଯେମିତି ତଣ୍ଟିରୁ ତଳକୁ ଯିବନି । ଆପଣ ଖାଇବା ସମୟରେ ଅନେକ ଲୋକଙ୍କୁ କହିଥିବାର ଶୁଣିଥିବେ ଯେ ଆମେ ଏ ପରିବା ଖାଉନୁ ସେ ପରିବା ଖାଉନୁ । କିନ୍ତୁ ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ । ଖାଲି ଶକ୍ତି ଯୋଗାଏ ନାହିଁ ଶରୀରରେ ଲୁକ୍କାୟିତ ଅନେକ ରୋଗକୁ ଧୀରେ ଧୀରେ ମାରିବାର କାମ ମଧ୍ୟ କରେ ଏହି ପରିବା । ତେବେ ଆପଣ ଜାଣିଛନ୍ତି କି ଗୁଆଁରଛୁଇଁ ମଧ୍ୟ ଦେହ ପାଇଁ ଭାରି ଭଲ । ଏହା ୮ ପ୍ରକାରର ସମସ୍ୟାକୁ ସମୂଳେ ନାଶ କରିବାର କ୍ଷମତା ରଖେ । ତେବେ ଆସନ୍ତୁ ଗୁଆଁରଛୁଇଁ ଖାଇଲେ କ'ଣ କ'ଣ ଲାଭ ମିଳେ ଜାଣିବା ।




ଗୁଆଁରଛୁଇଁରେ ଗ୍ଲାଇକୋନ୍ୟୁଟ୍ରିଏଣ୍ଟସ୍ ଥାଏ, ଯାହା ଶରୀରରେ ବ୍ଲଡ୍ ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହାକୁ ସେବନ କରିବା ଦ୍ୱାରା ବ୍ଲଡ୍ ସୁଗାର୍ ସ୍ତରରେ ଦ୍ରୁତ ପରିବର୍ତ୍ତନ ହୁଏ ନାହିଁ । ଏଥିରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲସିୟମ୍ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏହା ହାଡ଼କୁ କ୍ଷତିରୁ ମଧ୍ୟ ରକ୍ଷା କରେ । ଏଥିରେ ଥିବା ଫସଫରସ୍ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଗୁଆଁର ଶରୀରରେ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରି ହୃଦୟକୁ ସୁସ୍ଥ ରଖେ । ଏହି ପରିବାରେ ଫାଇବର, ପଟାସିୟମ୍ ଏବଂ ଫୋଲେଟର ଭରପୂର ମାତ୍ରା ଅନେକ ପ୍ରକାରର ହୃଦ୍ ରୋଗରୁ ରକ୍ଷା କରେ । ଖାଲି ଏତିକି ନୁହେଁ ଗୁଆଁରଛୁଇଁର ହାଇପୋଗ୍ଲାଇସେମିକ୍ ଏବଂ ହାଇପୋଲିପିଡେମିକ୍ ଗୁଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ଲୋକଙ୍କ ପାଇଁ ଏକ ପ୍ରାକୃତିକ ଉପଚାର ହୋଇଥାଏ । ମଧୁମେହ ଏବଂ ହୃଦରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଉଚ୍ଚ ରକ୍ତଚାପର ବିପଦ ଅଧିକ ଥାଏ, ଏପରି ପରିସ୍ଥିତିରେ ଗୁଆଁରଛୁଇଁ ସେବନ ଲାଭଦାୟକ ହୋଇପାରେ ।

# ଏଣିକି ଆଉ ମାଗଣାରେ ଚଳାଇପାରିବେନି ହ୍ୱାଟ୍ସଆପ୍




ହ୍ୱାଟ୍ସଆପ୍ ୟୁଜରଙ୍କ ପାଇଁ ବଡ଼ ଖବର । ଆଗରୁ କେବଳ ରିଚାର୍ଜ କରୁଥିଲେ ହେଲେ ଏବେ ହ୍ୱାଟ୍ସଆପ୍ ପାଇଁ ଦେବେ ଟଙ୍କା । ଟଙ୍କା ଦେଲେ ଚାଲିବ ହ୍ୱାଟ୍ସଆପ୍ ନହେଲେ ଯିବନି ମେସେଜ୍ । ଭାରତରେ କେବେଠାରୁ ଲାଗୁ ହେଉଛି ଏହି ନିୟମ ଆସନ୍ତୁ ଦେଖିବା । ବର୍ତ୍ତମାନ ସମୟରେ ଯୋଗାଯୋଗ ପାଇଁ ଏକ ସରଳ ମାଧ୍ୟମ ହେଉଛି 'ହ୍ୱାଟସଆପ' । ଅନେକ ଲୋକ ବ୍ୟବସାୟ ଉଦ୍ଦେଶ୍ୟରେ ମଧ୍ୟ ହ୍ୱାଟସଆପରେ କାରବାର କରିଥା'ନ୍ତି । ଆପଣ ବି ଯଦି ଏଥିପାଇଁ ହ୍ୱାଟସଆପ୍ ବ୍ୟବହାର କରୁଛନ୍ତି ତେବେ ଏହି ଖବର ଜାଣିରଖନ୍ତୁ । ସୋସିଆଲ ମିଡିଆ ମାଲିକାନା ସଂସ୍ଥା 'ମେଟା' ନିଜର ହ୍ୱାଟସଆପ୍ ବିଜନେସ ପ୍ଲାଟଫର୍ମ ପାଇଁ ଏକ ବଡ଼ ପରିବର୍ତ୍ତନ ଘୋଷଣା କରିଛି। ଅକ୍ଟୋବର ୧ରୁ ହ୍ୱାଟସଆପ୍ ?ରେ ବ୍ୟାବସାୟିକ ସଂସ୍ଥାଗୁଡ଼ିକୁ ମିଳୁଥିବା ମାଗଣା 'ସର୍ଭିସ୍ ମେସେଜ୍' ସୁବିଧା ସମ୍ପୂର୍ଣ୍ଣ ଶେଷ ହେବାକୁ ଯାଉଛି। ଏଣିକି ପ୍ରତ୍ୟେକ ମେସେଜ୍ ପାଇଁ କମ୍ପାନିକୁ ଶୁଳ୍କ ଦେବାକୁ ପଡ଼ିବ। ଏପର୍ଯ୍ୟନ୍ତ ମେଟା ପକ୍ଷରୁ ମାର୍କେଟିଂ, ୟୁଟିଲିଟି ଏବଂ ଅଥେଣ୍ଟିକେସନ୍ ଟେମ୍ପଲେଟ୍ ମେସେଜ୍ ପାଇଁ ଚାର୍ଜ ନିଆଯାଉଥିଲା। କିନ୍ତୁ ଗ୍ରାହକ ସେବା ପାଇଁ ୨୪-ଘଣ୍ଟିଆ ୱିଣ୍ଡୋ ମଧ୍ୟରେ ପଠାଯାଉଥିବା ନନ୍-ଟେମ୍ପଲେଟ୍ 'ସର୍ଭିସ୍ ମେସେଜ୍' ଗୁଡ଼ିକ ମାଗଣା ଥିଲା। ଏବେ ଅକ୍ଟୋବର ୧ ରୁ ଏହି ମାଗଣା ସୁବିଧା ଆଉ ମିଳିବ ନାହିଁ। ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ କୌଣସି ଗ୍ରାହକ ସେବା ପ୍ରତିନିଧି କିମ୍ବା ଥାର୍ଡ-ପାର୍ଟି ଇଓ ସିଷ୍ଟମ୍ ଦ୍ୱାରା ପଠାଯାଉଥିବା ସର୍ଭିସ୍ ମେସେଜ୍ ଏବଂ ୟୁଟିଲିଟି ମେସେଜ୍ ପାଇଁ ମଧ୍ୟ ନିର୍ଦ୍ଧାରିତ ଶୁଳ୍କ ଦେବାକୁ ପଡ଼ିବ। ମେଟା ସ୍ପଷ୍ଟ କରିଛି ଯେ ସର୍ଭିସ୍ ମେସେଜ୍‌ର ମୂଲ୍ୟ ବଜାର ଅନୁସାରେ ଅଲଗା ହେବ ଏବଂ ଏହା ୟୁଟିଲିଟି ଓ ଅଥେଣ୍ଟିକେସନ୍ ମେସେଜ୍ ଦର ସହ ସମାନ ରହିବ। ଭାରତୀୟ ବ୍ୟବସାୟୀଙ୍କ ପାଇଁ ଏହି ବିଲିଂ 'ଭାରତୀୟ ଟଙ୍କା'ରେ କରାଯିବ। ଯଦି କୌଣସି କମ୍ପାନି 'ମେଟା ବିଜନେସ ଏଜେଣ୍ଟ'ର ବ୍ୟବହାର କରେ, ତେବେ ସେଥିପାଇଁ ଟୋକନ୍ ଆଧାରରେ ଚାର୍ଜ କରାଯିବ। ବିଶ୍ୱସ୍ତରରେ ୧ ନିୟୁତ ଟୋକନ୍‌ର ମୂଲ୍ୟ ୨ ଡଲାର୍ ରଖାଯାଇଛି। ସାଧାରଣତଃ ଗୋଟିଏ ମେସେଜ୍ ପାଇଁ ୨୦,୦୦୦ ରୁ ୨୫,୦୦୦ ଟୋକନ୍ ?ର ପ୍ରୋସେସିଂ ଆବଶ୍ୟକ ହୋଇଥାଏ, ଯାହାର ମୂଲ୍ୟ ପ୍ରାୟ ୪ରୁ ୫ ସେଣ୍ଟ୍ ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୪ ଟଙ୍କା ହେବ।

# ୫୬ ଲକ୍ଷରେ ନିଲାମ ହେଲା ଭଙ୍ଗା ଫୁଲଦାନି

ବ୍ରିଟେନ୍‌ର ଏକ ଭଙ୍ଗା ଏବଂ ପୁରୁଣା ଫୁଲଦାନି ନିଲାମରେ ଏହା ୫୬ ଲକ୍ଷ ଟଙ୍କା (ପ୍ରାୟ ୬୬ ହଜାର ଡଲାର)ରେ ବିକ୍ରି ହୋଇ ଚର୍ଚ୍ଚାରେ ରହିଛି। ଏହି ଫୁଲଦାନିଟି ପ୍ରସିଦ୍ଧ ଜର୍ମାନ-ବ୍ରିଟିଶ ମୃତ୍ତିକା ଶିଳ୍ପୀ ହାନ୍ସ କୋପରଙ୍କ ଏକ ବିରଳ କଳାକୃତି ହୋଇଥିବା ନେଇ ଜଣାପଡ଼ିବା ପରେ ନିଲାମରେ ଏହାକୁ କିଣିବାକୁ ପ୍ରତିଯୋଗିତା ବଢ଼ିଥିଲା। ୧୯୬୪ ମସିହାରେ ନିର୍ମିତ ହୋଇଥିବା ଏହି ୪ ଫୁଟ ଉଚ୍ଚତା ବିଶିଷ୍ଟ ଫୁଲଦାନି ଲଣ୍ଡନର ଏକ ବଗିଚାରେ ଅନେକ ବର୍ଷ ଧରି ପଡ଼ି ରହିଥିଲା।



୧୯୩୯ରେ ଜର୍ମାନୀରୁ ବ୍ରିଟେନ୍ ଆସିଥିଲେ। ନିଜର ଜଣେ ମହିଳା ଗ୍ରାହକଙ୍କ ଅନୁରୋଧ କ୍ରମେ ସେ ଏହି ଫୁଲଦାନିଟିକୁ ତିଆରି କରି ତାଙ୍କୁ ଦେଇଥିଲେ। ମହିଳା ଜଣକ ଏହି ଫୁଲଦାନିକୁ ବହୁ ବର୍ଷ ଧରି ସାଇତି ରଖିଥିଲେ, କିନ୍ତୁ ସମୟ କ୍ରମେ ଏହା ନଷ୍ଟ ହୋଇଯାଇଥିଲା। ମହିଳାଙ୍କ ମୃତ୍ୟୁର ଦୀର୍ଘବର୍ଷ ପରେ ଏକଦା ଉକ୍ତ ବଗିଚାରୁ ତାଙ୍କ ନାତି ଏବଂ ନାତୁଣୀ ଏହି ଫୁଲଦାନିଟିକୁ ଭାଙ୍ଗିଯାଇଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସେମାନେ ଏହାର ମୂଲ୍ୟକୁ ଯାଞ୍ଚ କରିବା ପାଇଁ ଲଣ୍ଡନସ୍ଥିତ ଚିସ୍‌ୱିକ୍ ଅକ୍ସନ ସହ ଯୋଗାଯୋଗ କରିଥିଲେ। ସେଠାରେ ମୃତ୍ତିକା ବିଶେଷଜ୍ଞ ଜୋ ଲୟଡ୍ ଏହି ଫୁଲଦାନିକୁ ଯାଞ୍ଚ କରିଥିଲେ। ଏହି ଫୁଲଦାନିଟି କୌଣସି ସାଧାରଣ ବସ୍ତୁ ନୁହେଁ ବୋଲି ସେ ଜାଣିପାରିଥିଲେ।



## ନୀରବତାରୁ ସଫଳତାର ଯାତ୍ରା

# ଦୁଃଖକୁ ହସରେ ଲୁଚାଇ ସ୍ୱପ୍ନ ପଛରେ ଦୌଡୁଛନ୍ତି ପ୍ରିୟମ୍ବଦା ସ୍ୱାଇଁ

**ଭୁବନେଶ୍ୱର:** ଓଡିଶା ନିଶବ୍ଦ- କିଛି ଲୋକଙ୍କ ନୀରବତା ହିଁ ତାଙ୍କର ସବୁଠାରୁ ବଡ଼ ପରିଚୟ। ମୁହଁରେ ଶାନ୍ତ ହସ, ସ୍ୱଭାବରେ ସରଳତା ଓ ହୃଦୟରେ ଅନେକ ସ୍ୱପ୍ନ—ଏହି ତିନୋଟିକୁ ସାଥୀ କରି ନିଜ ପରିଚୟ ଗଢ଼ି ଚାଲିଛନ୍ତି ଅଭିନେତ୍ରୀ ପ୍ରିୟମ୍ବଦା ସ୍ୱାଇଁ। ଜୀବନ ତାଙ୍କୁ ଅନେକଥର ପରୀକ୍ଷା କରିଛି, ହେଲେ ପ୍ରତ୍ୟେକ ପରୀକ୍ଷା ପରେ ସେ ଆହୁରି ଦୃଢ଼ ହୋଇ ଠିଆ ହୋଇଛନ୍ତି।

ମନ ଭିତରେ ଯେତେ ଦୁଃଖ ଓ କଷ୍ଟ ଥାଉ ନା କାହିଁକି, ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରିୟମ୍ବଦା ସବୁବେଳେ ଚେଷ୍ଟା କରନ୍ତି। ବାପାଙ୍କ ଦେହାନ୍ତ ତାଙ୍କ ଜୀବନରେ ଏକ ବଡ଼ ଶୂନ୍ୟତା ସୃଷ୍ଟି କରିଥିଲା। ନିଜର ଜୀବନର ସବୁଠାରୁ କଠିନ ସମୟରେ ସେ ଭାଙ୍ଗି ପଡ଼ିଥିଲେ, ହାରିଯାଇଥିଲେ। କିନ୍ତୁ ସେହି ଦୁଃଖକୁ ନିଜର ଦୁର୍ବଳତା ହେବାକୁ ଦେଇନଥିଲେ। ବରଂ ବାପାଙ୍କ ସ୍ୱପ୍ନ ଓ ନିଜର ଆଶାକୁ ହୃଦୟରେ ଧରି ଆଗକୁ ବଢ଼ିବାର ସାହସ ଦେଖାଇଥିଲେ।

ନିଜର କଳାତ୍ମକ ପ୍ରତିଭାକୁ ଆହୁରି ଶାଣିତ କରିବା ପାଇଁ ପ୍ରିୟମ୍ବଦା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ପାଠପଢ଼ା ସହିତ ଅଭିନୟ ଜଗତରେ ମଧ୍ୟ ନିଜର ଯାତ୍ରା ଆରମ୍ଭ କରିଥିଲେ। ମ୍ୟୁଜିକ ଭିଡିଓ ମାଧ୍ୟମରେ



*ମନ ଭିତରେ ଯେତେ ଦୁଃଖ ଓ କଷ୍ଟ ଥାଉ ନା କାହିଁକି, ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରିୟମ୍ବଦା ସବୁବେଳେ ଚେଷ୍ଟା କରନ୍ତି। ବାପାଙ୍କ ଦେହାନ୍ତ ତାଙ୍କ ଜୀବନରେ ଏକ ବଡ଼ ଶୂନ୍ୟତା ସୃଷ୍ଟି କରିଥିଲା। ନିଜର ଜୀବନର ସବୁଠାରୁ କଠିନ ସମୟରେ ସେ ଭାଙ୍ଗି ପଡ଼ିଥିଲେ, ହାରିଯାଇଥିଲେ। କିନ୍ତୁ ସେହି ଦୁଃଖକୁ ନିଜର ଦୁର୍ବଳତା ହେବାକୁ ଦେଇନଥିଲେ। ବରଂ ବାପାଙ୍କ ସ୍ୱପ୍ନ ଓ ନିଜର ଆଶାକୁ ହୃଦୟରେ ଧରି ଆଗକୁ ବଢ଼ିବାର ସାହସ ଦେଖାଇଥିଲେ।*

ଦର୍ଶକଙ୍କ ନଜରକୁ ଆସିବା ପରେ ଧୀରେ ଧୀରେ ତାଙ୍କର ଲୋକପ୍ରିୟତା ବଢ଼ିଥିଲା।

'ରସିଆ', 'ରାଣୀ ଗୁରି', 'ତେଲଗୁ ସୁନ୍ଦରୀ' ଭଳି ଚର୍ଚ୍ଚିତ ମ୍ୟୁଜିକ ଭିଡିଓରେ ତାଙ୍କ ଅଭିନୟ ଓ ଉପସ୍ଥିତି ଦର୍ଶକଙ୍କ ମନ ଜିଣିଥିଲା। ଏହା ସହିତ ୱେବ୍ ସିରିଜ୍ ଔଔ'ଗ୍ୟାଙ୍ଗସ୍ ଅଫ୍ ପୁରୀ'ଔଔରେ ମଧ୍ୟ ସେ ନିଜର ଅଭିନୟର ଛାପ ଛାଡ଼ିଥିଲେ।

ମ୍ୟୁଜିକ ଭିଡିଓ ଓ ୱେବ୍ ସିରିଜ୍ରେ ସୀମିତ ରହିନଥିଲା ତାଙ୍କର ସ୍ୱପ୍ନ। ବଡ଼ ପରଦାରେ ମଧ୍ୟ ନିଜର ଅଭିନୟ ପ୍ରତିଭା ଦେଖାଇବାର ସୁଯୋଗ ପାଇଥିଲେ ପ୍ରିୟମ୍ବଦା। 'ଡେଲିଭେରୀ ବଏ-୧', 'ଡେଲିଭେରୀ ବଏ-୨' ଏବଂ 'ଯଦି' ଭଳି ଓଡ଼ିଆ ସିନେମାରେ ଅଭିନୟ କରି ସେ ଦର୍ଶକଙ୍କ ମଧ୍ୟରେ ନିଜର ଏକ ଅଲଗା ପରିଚୟ ତିଆରି କରିଛନ୍ତି।



ପ୍ରିୟମ୍ବଦାଙ୍କ ଯାତ୍ରା କେବଳ ଜଣେ ଅଭିନେତ୍ରୀଙ୍କ ସଫଳତାର କାହାଣୀ ନୁହେଁ; ଏହା ହେଉଛି ଦୁଃଖକୁ ଶକ୍ତିରେ ପରିଣତ କରି ନିଜ ସ୍ୱପ୍ନକୁ ଛୁଇଁବାର ଏକ ପ୍ରେରଣାଦାୟକ ଗାଥା। ବାପାଙ୍କୁ ହରାଇବାର ଯନ୍ତ୍ରଣା ତାଙ୍କୁ ଭିତରୁ ଭାଙ୍ଗି ଦେଇଥିଲେ ମଧ୍ୟ, ସେହି ଯନ୍ତ୍ରଣା ହିଁ ତାଙ୍କୁ ଆହୁରି ଦୃଢ଼ କରିଛି।

ଏବେ ତାଙ୍କ ସ୍ୱପ୍ନର ପରିସୀମା ଆହୁରି ବିସ୍ତାରିତ ହେଉଛି। ଆଗାମୀ ଦିନରେ ଏକ ତେଲୁଗୁ ସିନେମାରେ ପ୍ରିୟମ୍ବଦା ନଜର ଆସିବାକୁ ଯାଉଛନ୍ତି। ଓଡ଼ିଆ ମାଟିରୁ ନିଜର କଳା ଯାତ୍ରା ଆରମ୍ଭ କରି ଅନ୍ୟ ଭାଷାର ଚଳଚ୍ଚିତ୍ର ଜଗତକୁ ପାଦ ରଖିବା—ନିଶ୍ଚିତ ଭାବେ ତାଙ୍କ ଯାତ୍ରାର ଏକ ନୂଆ ଅଧ୍ୟାୟ।

ନୀରବତା ତାଙ୍କର ସ୍ୱଭାବ ହୋଇପାରେ, କିନ୍ତୁ ସ୍ୱପ୍ନ ଦେଖିବାରେ ସେ କେବେ ନୀରବ ହୋଇନାହାନ୍ତି। ଜୀବନ ଯେତେ ବାଧା ଦେଇଛି, ସେତେଥର ନିଜକୁ ସମ୍ଭାଳି ଆଗକୁ ବଢ଼ିଛନ୍ତି। ଆଜି ପ୍ରିୟମ୍ବଦା ସ୍ୱାଇଁଙ୍କ ନାମ କେବଳ ଅଭିନୟ ସହ ଯୋଡ଼ି ହେଉନାହିଁ, ବରଂ ସଂଘର୍ଷ, ସାହସ ଓ ସ୍ୱପ୍ନକୁ ସାକାର କରିବାର ଅଦମ୍ୟ ଇଚ୍ଛାଶକ୍ତିର ଏକ ପ୍ରତୀକ ଭାବେ ମଧ୍ୟ ଉଭା ହୋଇଛି।

# ଦୀପାବଳିରେ ତନେଇରାର 'ଷୋଳ ଶ୍ରୀଙ୍ଗାର'

**ଭୁବନେଶ୍ୱର:** ଦୀପାବଳିର ଉତ୍ସବୀୟ ଆନନ୍ଦକୁ ଆହୁରି ରଙ୍ଗିନ କରିବା ସହ ଭାରତୀୟ ନାରୀଙ୍କ ପାରମ୍ପରିକ ସଜବାଜକୁ ସମସାମୟିକ ଶୈଳୀରେ ପ୍ରସ୍ତୁତ କରିଛି ଟାଇଟନ୍ କମ୍ପାନି ଲିମିଟେଡ୍ର ମହିଳା ଏଥନିକ୍ ୱେର୍ ବ୍ରାଣ୍ଡ ତନେଇରା। ଚଳିତ ଦୀପାବଳି ଅବସରରେ ବ୍ରାଣ୍ଡ ପକ୍ଷରୁ 'ଷୋଳ ଶ୍ରୀଙ୍ଗାର' ନାମରେ ଏକ ସ୍ୱତନ୍ତ୍ର ପୂଜା କ୍ୟାମ୍ପେନ୍ ଓ ହସ୍ତତନ୍ତ ଶାଢ଼ିର ନୂଆ ସମ୍ଭାର ଉପସ୍ଥାପନ କରାଯାଇଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ସ୍ଥିତ ତନେଇରା ଷ୍ଟୋର୍ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯାନର ବିଶେଷତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ଶ୍ରୀ ସୁମିତ ଘୋଷ, ଶ୍ରୀ ମାଣିକ ହଂସ ଓ ଶ୍ରୀ କୁନାଲ କିଶୋର ଉପସ୍ଥିତ ଥିଲେ। 'ଷୋଳ ଶ୍ରୀଙ୍ଗାର' ପାରମ୍ପରିକ ଭାବେ ନାରୀଙ୍କ ଷୋହଳ ପ୍ରକାର ସୌନ୍ଦର୍ଯ୍ୟସଜ୍ଜା ସହ ଜଡ଼ିତ। ତେବେ ତନେଇରା ଏହାକୁ କେବଳ ଏକ ନିର୍ଦ୍ଦିଷ୍ଟ ପରମ୍ପରା ଭାବେ ନୁହେଁ, ବରଂ ଆଜିର ନାରୀଙ୍କ ନିଜସ୍ୱ ରୁଚି, ପସନ୍ଦ ଓ ଶୈଳୀର ଏକ ସ୍ୱାଧୀନ ପ୍ରକାଶ ଭାବେ ପୁନଃ

## ଭାରତୀୟ ନାରୀଙ୍କ ସଜବାଜକୁ ନୂଆ ଦୃଷ୍ଟିରେ ପୁନଃ ଚିତ୍ରଣ

ପରିଭାଷିତ କରିଛି। ଏହି ସମ୍ଭାରରେ ଅର୍ଗାଞ୍ଜା, ଟସର୍ ଓ ଟିସ୍ୟୁ ଭଳି ପାର୍ବଣପ୍ରିୟ କପଡ଼ା ସହ ସୂକ୍ଷ୍ମ କାରିଗରୀ, ସମୃଦ୍ଧ ବର୍ଡ୍, ଜଟିଳ ମୋଟିଫ୍ ଓ ସମକାଳୀନ ଡିଜାଇନ୍ର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଛି। ପୂଜା, ପାରିବାରିକ ମିଳନ, ଉତ୍ସବୀୟ ସନ୍ଧ୍ୟା କିମ୍ବା ପାର୍ଟି—ବିଭିନ୍ନ ଅବସର ପାଇଁ ଏହି ସମ୍ଭାରକୁ ଉପଯୋଗୀ କରାଯାଇଛି।







କ୍ୟାମ୍ପେନର ମୁଖ୍ୟ ବାର୍ତ୍ତା ହେଉଛି—ନାରୀଙ୍କ ସୌନ୍ଦର୍ଯ୍ୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। ଓଢ଼ଣୀକୁ ନିଜ ଢଙ୍ଗରେ ପିନ୍ଧିବା, କେଶକୁ ଶେଷଥର ପାଇଁ ସଜାଇବା କିମ୍ବା ଆଇନା ସାମ୍ନାରେ ନିଜ ପାଇଁ ଆଉ ଏକ ମିନିଟ୍ ନେବା—ଏହି ଛୋଟ ଛୋଟ ମୁହୂର୍ତ୍ତ ହିଁ ଆଧୁନିକ 'ଶ୍ରୀଙ୍ଗାର'ର ପରିଚୟ। ତନେଇରାର 'ଷୋଳ ଶ୍ରୀଙ୍ଗାର' ସମ୍ଭାର କଟକ ଓ ଭୁବନେଶ୍ୱର ଷ୍ଟୋର୍ରେ ଉପଲବ୍ଧ। ପୂଜା ଋତୁକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସୀମିତ ସମୟ ନିମନ୍ତେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଗିଫ୍ଟ ଭାଉଚର୍ର ବ୍ୟବସ୍ଥା ମଧ୍ୟ ରହିଛି। ଭାରତୀୟ ହସ୍ତତନ୍ତ, କାରିଗରୀ ଓ ଆଧୁନିକ ଫ୍ୟାଶନ୍ର ସମନ୍ୱୟ ମାଧ୍ୟମରେ ତନେଇରା ଆଜିର ନାରୀଙ୍କୁ ନିଜସ୍ୱ ଶୈଳୀରେ ପରମ୍ପରାକୁ ଅନୁଭବ କରିବାର ଅବସର ଦେଉଛି। ଏହି ଦୀପାବଳିରେ 'ଷୋଳ ଶ୍ରୀଙ୍ଗାର' ମାଧ୍ୟମରେ ପରମ୍ପରା ସହ ଆତ୍ମପରିଚୟ ଓ ନିଜସ୍ୱ ଶୈଳୀର ଏହି ମିଳନ ନିଶ୍ଚିତ ଭାବେ ନୂଆ ଆକର୍ଷଣ ସୃଷ୍ଟି କରିବ।

●ଭୁବନେଶ୍ୱରରେ 'ଲୋହିତାକ୍ଷ' ଚଳଚ୍ଚିତ୍ର ଟିଜର୍ ଉନ୍ମୋଚିତ

# ଓଡ଼ିଆ ପ୍ରତିଭାଙ୍କ ହାତରେ ନିର୍ମିତ ହିନ୍ଦୀ ଚଳଚ୍ଚିତ୍ର, ବଲିଉଡରେ ଓଡ଼ିଶାର ପରିଚୟକୁ ନୂଆ ଦିଗ

**ଭୁବନେଶ୍ୱର,(ଓଡ଼ିଶା ନିଶବ୍ଦ):** ଓଡ଼ିଶାର ମାଟି, ପ୍ରତିଭା ଓ ସୃଜନଶୀଳତାକୁ ଜାତୀୟସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ନିର୍ମିତ ଆଗାମୀ ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ'ର ଟିଜର୍ ଭୁବନେଶ୍ୱରରେ ଚଳଚ୍ଚିତ୍ରର କଳାକାର ଓ କର୍ମୀଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଛି।




ପ୍ରାୟ ସମ୍ପୂର୍ଣ୍ଣ ଭାବେ ଓଡ଼ିଶାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ପ୍ରାୟ ୯୯.୯ ପ୍ରତିଶତ ଓଡ଼ିଆ ପ୍ରତିଭା ସାମିଲ ହୋଇଛନ୍ତି। ଭୂପିନ୍ଦର୍ରାଙ୍କ ନେତୃତ୍ୱରେ 'ଗଣ ବିକାଶ ଫିଲ୍ମସ୍' ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ତାଙ୍କର ନିର୍ଦ୍ଦେଶକ ଭାବେ ପ୍ରଥମ ପ୍ରୟାସ। ଏହା ସହିତ ସେ ପ୍ରଯୋଜକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଆଙ୍କର୍ ଓ ଅଭିନେତା ଭାବେ ପରିଚିତ ଭୂପିନ୍ଦର୍ରା 'ଲୋହିତାକ୍ଷ' ଜରିଆରେ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ପାଦ ଥାପିଛନ୍ତି।

'ଲୋହିତାକ୍ଷ'ର କାହାଣୀ ଦୀପାଲି ଦେବାସ୍ମିତା ଦାଶ ଲେଖିଥିବା ବେଳେ, ଲେଖକ ତଥା ଅଭିନେତା ନିଶାନ୍ତ ମାଝିଆ ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି। ସେ ସ୍କ୍ରିନପ୍ଲେ ବା ଚିତ୍ରନାଟ୍ୟ ରଚନାରେ ମଧ୍ୟ ସହଯୋଗ କରିଛନ୍ତି। କଟକ-ଭୁବନେଶ୍ୱରକୁ ପୃଷ୍ଠଭୂମି କରି ନିର୍ମିତ ଏହି ଚଳଚ୍ଚିତ୍ରଟି ଏକ ରୋମାଞ୍ଚକର ମର୍ଡର୍ ମିଷ୍ଟ୍ରି ଉପରେ ଆଧାରିତ। ହତ୍ୟା ରହସ୍ୟକୁ କେନ୍ଦ୍ର କରି ଗତିଶୀଳ ହେଉଥିବା କାହାଣୀରେ ଓଡ଼ିଶାର ସ୍ଥାନୀୟ ପରିବେଶ, ପ୍ରତିଭା ଓ ସୃଜନଶୀଳତାକୁ ଜାତୀୟ ଦର୍ଶକଙ୍କ ନିକଟରେ ଉପସ୍ଥାପନର ପ୍ରୟାସ କରାଯାଇଛି।

ଚଳଚ୍ଚିତ୍ରରେ ଲୋକପ୍ରିୟ ବଲିଉଡ୍ ଅଭିନେତା କମଲେଶ ସାୱନ୍ତଙ୍କ ସହ ସୁକୁମାର ଟୁଡୁ, ଅପରା ରାଣୀ ଏବଂ ପ୍ରଖ୍ୟାତ ଅଭିନେତା ପୁନୀତ ଇସାରଙ୍କ ପୁଅ ସିଦ୍ଧାନ୍ତ ଇସାର ଅଭିନୟ କରିଛନ୍ତି। ଏହା ସିଦ୍ଧାନ୍ତ ଇସାରଙ୍କ ଅଭିନୟ ଜଗତରେ ପଦାର୍ପଣ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ବବି ମିଶ୍ର, ଜୀବନ ପଣ୍ଡା, ଗୌରବ ମହାନ୍ତି, ସୁଶାନ୍ତ ଦାସମହାପାତ୍ର ଓ ସୁମନ ମଙ୍କଟଙ୍କ ସମେତ ଓଡ଼ିଶାର ଅନେକ ଜଣାଶୁଣା କଳାକାର ଏଥିରେ ଅଭିନୟ କରିଛନ୍ତି।

ଚଳଚ୍ଚିତ୍ରର ବୈଷୟିକ ଦଳରେ ଶାରଦା କୃଷ୍ଣ ସାହୁ ଡିରେକ୍ଟର ଅଫ୍ ଫଟୋଗ୍ରାଫି ଭାବେ ଏବଂ ମାନସ ସାହୁ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସଙ୍ଗୀତ ସଂଯୋଜନା ସ୍ୱର୍ଗତ ଅଭିଜିତ ମଜୁମଦାର ଓ ଅଭିଜିତ ତ୍ରିପାଠୀ କରିଥିବା ବେଳେ, ନାବ୍ସ (ଘବଭସ୍ପ) ଓ ସରୋଜ ପୃଷ୍ଠଭୂମି ସଙ୍ଗୀତ ପ୍ରସ୍ତୁତ କରିଛନ୍ତି।

ଓଡ଼ିଆ କଳାକାର, ଲେଖକ, ପ୍ରଯୁକ୍ତିବିଦ୍ ଓ ସୃଜନଶୀଳ କର୍ମୀଙ୍କ ବହୁଳ ଅଂଶଗ୍ରହଣରେ ନିର୍ମିତ 'ଲୋହିତାକ୍ଷ' ଓଡ଼ିଶାର ସୃଜନଶୀଳ କ୍ଷମତାକୁ ବଲିଉଡ୍ ମଞ୍ଚରେ ପହଞ୍ଚାଇବାର ଏକ ଉଲ୍ଲେଖନୀୟ ପ୍ରୟାସ। ଓଡ଼ିଶାର ପରିବେଶ ଓ ପ୍ରତିଭାକୁ କାହାଣୀର ମୁଖ୍ୟ ଆଧାର କରି ଜାତୀୟ ଦର୍ଶକଙ୍କ ପାଇଁ ଏକ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ ରାଜ୍ୟର ଚଳଚ୍ଚିତ୍ର ଶିଳ୍ପ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି। 'ଲୋହିତାକ୍ଷ' ମାଧ୍ୟମରେ ବଲିଉଡ୍ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ମିଳିବ ବୋଲି ଆଶା ପ୍ରକାଶ ପାଇଛି।




# ଅଧିନାୟକ ପଦରୁ ଓହରିଲେ ହରମନ୍ପ୍ରୀତ

**ନୂଆଦିଲ୍ଲୀ:** ଭାରତର ଏକମାତ୍ର ମହିଳା କ୍ରିକେଟ୍ ବିଶ୍ୱକପ୍ ବିଜେତା ଅଧିନାୟିକା ହରମନପ୍ରୀତ କୌର ସମସ୍ତ ଫର୍ମାଟ୍ର ନେତୃତ୍ୱ ଦାୟିତ୍ୱରୁ ଓହରି ଯାଇଛନ୍ତି। ହେଲେ ଖେଳିବା ଜାରି ରଖିବେ ବୋଲି ସେ ସୂଚନା ଦେଇଛନ୍ତି। ଗୁଆହାଟୀରେ ବିସିସିଆଇର ସମୀକ୍ଷା ବୈଠକ ପରେ ହରମନପ୍ରୀତଙ୍କ ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି। ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ହରମନପ୍ରୀତଙ୍କ ସହ ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ମୁଖ୍ୟ ପ୍ରଶିକ୍ଷକ ଅମୋଲ ମଜୁମଦାର ଉପସ୍ଥିତ ଥିଲେ। ଗତ କିଛି ମାସରେ ଦଳର ପ୍ରଦର୍ଶନ ଓ ଭବିଷ୍ୟତ ଯୋଜନା ନେଇ ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ବୈଠକ ପରେ ହରମନପ୍ରୀତ ଇନ୍ଷ୍ଟାଗ୍ରାମ ପୃଷ୍ଠାରେ ଏକ ଭାବବିହ୍ୱଳ ପୋଷ୍ଟ କରି ଭାରତୀୟ ମହିଳା କ୍ରିକେଟ୍ର ଅଧିନାୟକ ପଦ ଛାଡ଼ିବା ନେଇ ସୂଚନା ଦେଇଥିଲେ।

# ଓଡ଼ିଶାରେ ଜାତୀୟ ଲନ୍ ବଲ୍ ଅକ୍ଟୋବର ୨୩ରୁ

## ୧୮ ରାଜ୍ୟରୁ ଭାଗନେବେ ୨୫୦ ଖେଳାଳି ଓ ଅଫିସିଆଲ୍




**ଭୁବନେଶ୍ୱର,(ଓଡ଼ିଶା ନିଶବ୍ଦ):** ଓଡ଼ିଶାରେ ପ୍ରଥମ ଥର ପାଇଁ ଜାତୀୟ ସ୍ତରର ଲନ୍ ବଲ୍ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ରାଜ୍ୟ ବୋଲିଂ ସଂଘ, ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ଅକ୍ଟୋବର ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀରର ନବନିର୍ମିତ ଆ୍ର.ଏନ୍. ସିଂହଦେଓ ଅନ୍ତର୍ଜାତୀୟ ଲନ୍ ବଲ୍ କୋର୍ଟରେ ଅନୁଷ୍ଠିତ ହେବ।

ଭାରତୀୟ ବୋଲିଂ ମହାସଂଘ ଆନୁକୂଲ୍ୟରେ ହେବାକୁ ଥିବା ଏହି ଚାରିଦିନିଆ ଜାତୀୟ ପ୍ରତିଯୋଗିତାରେ ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଷଷ୍ଠ ଜାତୀୟ ୨୫ ବର୍ଷରୁ କମ୍ ବର୍ଗରେ ବାଳକ ଓ ବାଳିକା ବିଭାଗରେ ଖେଳାଯିବ। ଓଡ଼ିଶା ସମେତ ଦେଶର ୧୮ଟି ରାଜ୍ୟରୁ ପ୍ରାୟ ୨୫୦ ଜଣ ଖେଳାଳି ଓ ଅଫିସିଆଲ୍ ଏଥିରେ ଅଂଶଗ୍ରହଣ କରିବେ।

ପ୍ରତିଯୋଗିତା ଆୟୋଜନ ନେଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି ବୋଲି ରାଜ୍ୟ ସଂଘର ଉପସଭାପତି ମନ୍ମଥ ସିଂହଦେଓ ଓ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ସମ୍ଭାବ୍ୟ ଦଳର ପ୍ରସ୍ତୁତି ଶିବିର ଅକ୍ଟୋବର ୧ ତାରିଖରୁ ଆର.ଏନ୍. ସିଂହଦେଓ ଅନ୍ତର୍ଜାତୀୟ ଲନ୍ ବଲ୍ କୋର୍ଟରେ ଚାଲିଛି। ଏହି ଶିବିର ଅକ୍ଟୋବର ୨୦ ପର୍ଯ୍ୟନ୍ତ ଚାଲିବା ପରେ ଚୂଡ଼ାନ୍ତ ଓଡ଼ିଶା ଦଳ ଚୟନ କରାଯିବ। ଏଥର ଓଡ଼ିଶାରୁ ଦୁଇଟି ଦଳ ମଧ୍ୟ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି।

ଓଡ଼ିଶାରେ ଲନ୍ ବଲ୍ ଖେଳର ପ୍ରଚାର ଓ ପ୍ରସାର ଏକ ଦଶନ୍ଧି ମଧ୍ୟ ପୂରଣ କରିନଥିଲେ ମଧ୍ୟ ରାଜ୍ୟ ଖେଳାଳିମାନେ ଆଶାଜନକ ସଫଳତା ହାସଲ କରିଛନ୍ତି। ବିଗତ ଦୁଇ ଜାତୀୟ କ୍ରୀଡ଼ାରୁ ଓଡ଼ିଶା ୪ଟି ପଦକ—୩ଟି କାଂସ୍ୟ ଓ ୧ଟି ରୌପ୍ୟ—ଜିତିଛି। ଗତବର୍ଷ ନୂଆଦିଲ୍ଲୀରେ ଆୟୋଜିତ ପଞ୍ଚମ ଜାତୀୟ ୨୫ ବର୍ଷରୁ କମ୍ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ୩ଟି କାଂସ୍ୟ ପଦକ ହାସଲ କରିଥିଲା।

ସେହି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓଡ଼ିଶାର ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ ଏସୀୟ ଶିବିରରେ ସ୍ଥାନ ପାଇଥିଲେ। ଏସୀୟ ଲନ୍ ବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜେଶ୍ୱରୀ ସେଠ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଲନ୍ ବଲ୍ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ରୋଶନୀ ୧୮ ବର୍ଷରୁ କମ୍ ଏବଂ ରାଜେଶ୍ୱରୀ ୨୫ ବର୍ଷରୁ କମ୍ ଦଳରେ ଖେଳିବେ। ଉଭୟଙ୍କଠାରୁ ଓଡ଼ିଶା ପଦକ ଆଶା ରଖିଛି।




Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ